

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୧ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 OCTOBER 2020

Vol.No. 30 ■ No. 268 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ମୋଦିଙ୍କ ସମ୍ବୋଧନ, ନବୀନଙ୍କ ସନ୍ଦେଶ

ଲକଡାଉନ ଯାଇଛି, ଭାଇରସ ଯାଇନି : ମୋଦି

- ଭ୍ୟାକସିନ ନ ଆସିବା ଯାଏ ସତର୍କ ରୁହନ୍ତୁ
- ଭ୍ୟାକସିନ ନ ଆସିବା ଯାଏଁ ଢ଼ିଲାପଣ ଚଳିବନି
- ସୁସ୍ଥ ହାର ବଢ଼ିଛି, ମୃତ୍ୟୁ ହାର କମିଛି
- ଦେଶର ପ୍ରତି ୧୦ ଲକ୍ଷରେ ୫୫୦୦ ଲୋକଙ୍କୁ କରୋନା

ନୂଆଦିଲ୍ଲୀ ,୨୦।୧୦ (ନି.ପ୍ର): 'ଲକଡାଉଡ୍' ଚାଲିଯାଇଛି, କିନ୍ତୁ କରୋନା ଭୂତାଣୁ ଯାଇନାହିଁ, ଏ କଥା ଆଦୌ ନ ଭୁଲିବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଜି ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟର ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ ପାର୍ବଣ ସମୟରେ ସାବଧାନତାର ସହ ଚଳିବାକୁ ଦେଶବାସୀଙ୍କୁ ସଚେତନ କରାଇଛନ୍ତି । ସନ୍ଧ୍ୟା ୬ଟାରେ ଦେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଜନତା କର୍ଫ୍ୟୁରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତବାସୀ କରୋନାଭାଇରସ୍ ବିରୋଧୀ ସଂଗ୍ରାମରେ ଦୀର୍ଘ ପଥ ଯାତ୍ରା କଲେଣି । ଗତ ସାତ /ଆଠ ମାସ ମଧ୍ୟରେ ପ୍ରତ୍ୟେକ ଭାରତୀୟଙ୍କ ଉଦ୍ୟମ ଯୋଗୁଁ ଭାରତର ସ୍ଥିତି ଭଲ ଅଛି । ଏହାକୁ ଆମେ ବିଗାଡିବା ନାହିଁ । ଏହା ମଧ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ଧୀରେ ଧୀରେ ବୃଦ୍ଧିପାଉଛି । ଅନେକ ଲୋକ ଘରୁ ପଦାକୁ ବାହାରିଲେଣି । ପୂଜାପାର୍ବଣର ସମୟ ଆସିଥିବାରୁ ବଜାରରେ ମଧ୍ୟ ଗହଳି ହେଲାଣି । କିନ୍ତୁ, ଆମେ ଭୁଲିଯିବା ନାହିଁ ଯେ, 'ଲକଡାଉନ୍' ଚାଲିଯାଇ ଥାଇପାରେ, କିନ୍ତୁ କରୋନା ରୋଗର ସୃଷ୍ଟିକାରୀ ଭୂତାଣୁ ଚାଲିଯାଇ ନାହିଁ । ମାନବତାକୁ ରକ୍ଷା କରିବା ଲାଗି ଯୁଦ୍ଧକାଳୀନଭିତିରେ କାର୍ଯ୍ୟ ଚାଲିଛି । ଟିକା ନ ଆସିବା ପର୍ଯ୍ୟନ୍ତ କରୋନାଭାଇରସ୍ ବିପକ୍ଷରେ ଆମେ ସଂଗ୍ରାମ ଜାରି ରଖିବା ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ଟିକା ପହଂଚାଇବା ▶▶ପୃଷ୍ଠା ୭

ଦଶହରା ପାଇଁ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଶୀତ ଋତୁରେ ଭୟଙ୍କର ହୋଇପାରେ କରୋନା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ବିଶେଷଜ୍ଞ ମାନେ କହୁଛନ୍ତି ଶୀତ ଋତୁରେ କରୋନା ଆହୁରି ଭୟଙ୍କର ରୂପ ନେବ । ଆଗକୁ ଦୁର୍ଗାପୂଜା ଓ ଦୀପାବଳୀ ଆସୁଛି । ତେଣୁ ପୂଜା ସମୟରେ ସାଧାରଣ ସ୍ଥାନ ମାନଙ୍କରେ ଭିଡ କରନ୍ତୁ ନାହିଁ । ଘରେ ରହି ମା'ଙ୍କ ପୂଜା ଓ ପ୍ରାର୍ଥନା କରନ୍ତୁ । ପରିବାର ସହ ଘରେ ରହି ପର୍ବ ପାଳନ କରନ୍ତୁ । ବାହାରକୁ ଗଲେ ମାସ୍କ ପିନ୍ଧନତୁ ହାତ ଧୁଅନ୍ତୁ ଏବଂ ସାମାଜିକ ଦୂରତା ରଖନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ବର୍ତମାନ ସଂକ୍ରମଣ କମୁଛି । କିନ୍ତୁ ଆଉ ଥରେ ସଂକ୍ରମଣ ବଢ଼ିଲେ ଆମେ ଓ ଆମ ପରିବାର ହଇରାଣ ହେବ । କରୋନାର କ୍ୟାରେକ୍ଟର ପ୍ରୋଫାଇଲ ବହୁତ କ୍ରିଟିକାଲ । ତେଣୁ ଆମକୁ ମେଡିସିନ୍ ଓ ଭ୍ୟାକସିନ୍ ବାହାରିବା ପର୍ଯ୍ୟନ୍ତ

ଭ୍ୟାକସିନ୍ ନଆସିବା ଯାଏଁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

ସାବଧାନ ରହିବାକୁ ହେବ । ସଂକ୍ରମଣ ଯେପରି ନ ବଢ଼ିବ ସେଥିପାଇଁ ମା ଙ୍କ ପାଖରେ ଶପଥ ନେଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି । ମଙ୍ଗଳବାର ଦିନ ଏକ ,ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ପୂଜା ପାଇଁ ଅଭିନନ୍ଦନ ଜଣାଇ କହିଥିଲେ ଯେ ଗତ ସାତ ମାସ ହେଲା ଓଡିଶା କରୋନା ବିରୋଧରେ ଲଢେଇ ଜାରି ରଖିଛି । ▶▶ପୃଷ୍ଠା ୭

ଭିଜିବ ଦଶହରା

ଲଘୁଚାପ ପ୍ରଭାବରେ ୨୪ ଯାଏଁ ବର୍ଷା

ଭୁବନେଶ୍ୱର,୨୦।୧୦ (ନି.ପ୍ର): କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗାମୀ ୪୮ଘଂଟା ମଧ୍ୟରେ ଉତର-ପଶ୍ଚିମ ଏବଂ ପରବର୍ତୀ ୩ଦିନ ପାଇଁ ଉତର-ଉତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି । ଏହି ଲଘୁଚାପ ସହ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ବାୟୁମଣ୍ଡଳରେ ୭.୬ କିମି ଯାଇଁ ବ୍ୟାପିଛି । ଏହାର ପ୍ରଭାବରେ ଆସନ୍ତା ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଫଳରେ ଚଳିତ ବର୍ଷ ଦଶହରା ବର୍ଷାରେ ଭିଜିଯାଇପାରେ । ପ୍ରବଳ ବର୍ଷା ଯୋଗୁଁ ତଳି ଅଂଚଳରେ ପାଣି ଭରିଯିବାର ସମ୍ଭାବନା ରହିଛି । ▶▶ପୃଷ୍ଠା ୭

୭ ଏଲଇଡ଼ି ବୋମା ଠାବ

ନିଷ୍କ୍ରିୟ କଲା ବୋମା ନିଷ୍କ୍ରିୟକାରୀ ଟିମ୍

ମାଲକାନଗିରି, ୨୦ ଅକ୍ଟୋବର (ହି.ସ.)- ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳ ଯୋଡ଼ାମ୍ବ ଥାନା ଅନ୍ତର୍ଗତ ଟୁଟୁଗୁମି ଜଙ୍ଗଲରେ ୭ଟି ଏଲଇଡ଼ି ବୋମାକୁ ଠାବ କରିବା ସହ ଏହାକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଛି ବୋମା ନିଷ୍କ୍ରିୟକାରୀ ଟିମ୍ । ଫଳରେ ଏକ ବଡ଼ ଧରଣର ବିସ୍ଫୋରଣକୁ ଯଥା ପୂର୍ବରୁ ବିଏସଏଫ ପକ୍ଷରୁ ଏଡାଇ ଦିଆଯାଇପାରିଛି । ଏଠାରେ ଉଲ୍ଲେଖଯୋଗ୍ୟ, ବିଛିନ୍ନାଂଚଳରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ପରେ ମାଓବାଦୀ ମାନେ ହିଂସା ପରାୟଣ ହୋଇ ଅନେକ ସମୟରେ ଯବାନଙ୍କୁ ଟାର୍ଗେଟ୍ କରୁଥିବା ଦେଖିବାକୁ ମିଳିଛି ।

ଇସ୍ପାତ୍ ମନ୍ତ୍ରଣାଳୟର ୱେବିନାର୍

ଗ୍ରାମୀଣ ଅର୍ଥନୀତିକୁ ସଦୃଢ଼ ଏବଂ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱ ଦିଆଯାଉ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୧୦ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ୱେବିନାର 'ଆତ୍ମନିର୍ଭର ଭାରତ: ଗ୍ରାମୀଣ ଅର୍ଥନୀତିରେ ଇସ୍ପାତ ବ୍ୟବହାରରେ ବୃଦ୍ଧି'ରେ ଯୋଗଦେଇ ଗ୍ରାମୀଣ ବିକାଶରେ ଭାରତୀୟ ଇସ୍ପାତ୍ କ୍ଷେତ୍ରର ଭୂମିକା ଏବଂ ଗ୍ରାମୀଣ ଅର୍ଥନୀତିକୁ ସଦୃଢ଼ ଏବଂ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଇସ୍ପାତର ଚାହିଦା ବଢ଼ାଇବା ପାଇଁ ଗ୍ରାମାଂଚଳରେ ବିପୁଳ ସୁଯୋଗ ରହିଛି । ନିକଟରେ ଭାରତ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ୧ ଲକ୍ଷ କୋଟି କୃଷି ଭିତିଭୂମି ପାଣ୍ଠି, ୫ ହଜାର ସବିଜି ପ୍ଲାଂଟ ପ୍ରତିଷ୍ଠା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଅନେକ କଲ୍ୟାଣକାରୀ ଯୋଜନା ଇସ୍ପାତ୍ ବ୍ୟବହାରକୁ ବୃଦ୍ଧି କରିବାରେ ସହାୟକ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଶିଳ୍ପ କ୍ଷେତ୍ରର ଅଗ୍ରଣୀ ମାନଙ୍କୁ ଗ୍ରାମାଂଚଳର ଇସ୍ପାତ ଆବଶ୍ୟକତା ପୂରଣ ଦିଗରେ ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଆହ୍ୱାନ କରିଥିଲେ । ଗ୍ରାମୀଣ ଭାରତରେ ଇସ୍ପାତ୍ ବ୍ୟବହାରକୁ ବଢାଇବା ଆମର ଲକ୍ଷ୍ୟ ରହିଛି । ଏହାଦ୍ୱାରା ଗ୍ରାମୀଣ ଅଂଚଳରେ ନୂଆ ସୁଯୋଗ ତିଆରି ହେବ ଏବଂ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ହେବ । ଦେଶର ଅର୍ଥନୀତିକୁ ଆଗକୁ ନେବାରେ ଇସ୍ପାତ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୧୬୮ ହେଲା

ଭୁବନେଶ୍ୱର,୨୦।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୧୬୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ମୟୁରଭଂଜ ଜିଲ୍ଲାର ୪, ଖୋର୍ଧା ଓ କଳାହାଣ୍ଡି ଜିଲ୍ଲାର ୨-୨ ଜଣ ରହିଛନ୍ତି । ସେହିପରି ନୂଆପଡା ଜିଲ୍ଲାର ୨ ଜଣ ତଥା ଝାରସୁଗୁଡା. ଭଦ୍ରକ, କଟକ ଓ କେନ୍ଦ୍ରାପଡା ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଝାରସୁଗୁଡା ଜିଲ୍ଲାର ୪୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭଦ୍ରକ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । । କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲାର ଜଣେ ୮୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧମେହରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାରେ ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୩୦ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୭୨ ବର୍ଷୀୟ ▶▶ପୃଷ୍ଠା ୭

ସାଙ୍ଗହୋଇ ସ୍କୁଟିରେ ଚାଲିଗଲେ ୩ ଜଣ



ବାରିପଦା,୨୦।୧୦ (ନି.ପ୍ର): ୪୯ ନମ୍ବର ଜାତୀୟ ରାଜପଥର ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ଫୁଲଗୁନ୍ଥା ଗ୍ରାମ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ଏକ ସ୍କୁଟି ଉପରେ ଟ୍ରଲର ମାଡ଼ିଯିବାରୁ ଟ୍ରଲରର ଚକ ତଳେ ଚାପି ହୋଇ ସ୍କୁଟି ଚାଳକ ସହିତ ଅନ୍ୟ ଦୁଇ ଆରୋହୀ ଏହିପରି ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ପଡ଼ୋଶୀ କେନ୍ଦୁଝର ଜିଲ୍ଲା ବାରିଆ ଥାନା ଭଣ୍ଡା ଗ୍ରାମର ଟୁଟୁନ ମୁଣ୍ଡା(୪୦) ତାର ମାମୁଁ ସୁର ସିଂ ମୁଣ୍ଡା((୬୦) ଓ ମାମୁଁ ପୁଅ ଭାଇ ଗୁରୁ ଚରଣ ମୁଣ୍ଡା(୩୦)ଙ୍କୁ ନିଜର ସ୍କୁଟିରେ ବସାଇ କରଞ୍ଜିଆ ହସପିଟାଲକୁ ଆସୁଥିବା ବେଳେ ଟ୍ରଲର ସହିତ ଧକ୍କା ହୋଇ ତଳେ ପଡ଼ିଯାଇଥିଲେ ଏବଂ ଟ୍ରଲରର ଚକ ତଳେ ଚାପି ହୋଇ ରହିଯାଇଥିଲେ । ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଁଂଚି ଚକ ତଳୁ ତିନି ଜଣଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ହସପିଟାଲକୁ ▶▶ପୃଷ୍ଠା ୭

ମାନବ - ବନ୍ୟପ୍ରାଣୀ ସଂଘର୍ଷକୁ କମାଇବାକୁ ଗଠନ ହେବ ରାଜ୍ୟସ୍ତରୀୟ ଟାସ୍କଫୋର୍ସ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ମାନବ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଥିବା ଏହି ଟାସ୍କଫୋର୍ସ ରେ ମୋଟ ୧୮ ଜଣ ସଦସ୍ୟ ରହିବେ । ଆସନ୍ତା ୬ ସପ୍ତାହ ମଧ୍ୟରେ ଏହି ଟାସ୍କଫୋର୍ସ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ । ରାଜ୍ୟ ସରକାରଙ୍କ ବିଧିବଦ୍ଧ ମଞ୍ଜୁରୀ ମିଳିବା ପରେ ଏହି ମାଷ୍ଟରପ୍ଲାନ୍ ଅନୁଯାୟୀ ଅର୍ଥବରାଦ କରାଯିବ ଏବଂ ଏହାକୁ ବିନିଯୋଗ କରି ଆଗାମୀ ୩ ବର୍ଷ ମଧ୍ୟରେ ମାନବ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷକୁ କମାଇବା ପାଇଁ ବହୁବିଧ ପଦକ୍ଷେପ ନିଆଯିବ ବୋଲି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି । ଏହି ରାଜ୍ୟସ୍ତରୀୟ ଟାସ୍କାଫୋର୍ସରେ ଦକ୍ଷିଣ-ପୂର୍ବ ରେଳବାଇ, ପୂର୍ବତଟ ରେଳବାଇର ପ୍ରତିନିଧି, ସେସୁ, ଓ୍ୱେସ୍କୋ, ନେସ୍କୋ ଓ ସାଉଥ୍ କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଗଣ, ପୂର୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ (ରାସ୍ତା), ▶▶ପୃଷ୍ଠା ୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରା ଯାଇଛି । ଭୁବନେଶ୍ୱର ଜିପିଏଚ ଡିଭିଜନ-୨ର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ପ୍ରଧାନଙ୍କ ଘର ସହ ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ ଚାଲିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ । ରାଜଧାନୀର ନୂଆପଲ୍ଲୀ, ନୂଆଗାଁ, ବାଲିଅନ୍ତା, ନହରକଂଟା, ୟୁନିଟ-୩ ଅଫିସ ଚାୟର ସହ ତାଙ୍କ ସମ୍ପର୍କୀୟ ଘରେ ମଧ୍ୟ ଚଢାଉ କରା ଯାଇଛି ।

କମିଶନରେଟ୍ ପୋଲିସ୍ ପକ୍ଷରୁ ଦାଦାବଟିକୁ ନା ହେଲ୍ପଲାଇନ୍ ନମ୍ବର ଜାରି

ଭୁବନେଶ୍ୱର,୨୦।୧୦ (ନି.ପ୍ର): ଦାଦାବଟି ଆଦୟକୁ ରୋକିବା ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ଦାଦାବଟିକୁ ନା ଅଭିଯାନର ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ପୋଲିସ ମହାନିର୍ଦ୍ଦେଶକ ଅଭୟ ମଙ୍ଗଳବାର ଦିନ ଏହାର ଶୁଭାରମ୍ଭ କରିଛନ୍ତି । ଏହି ହେଲ୍ପ ଲାଇନ୍ ନମ୍ବର ହେଲା- ୯୯୩୮୯୧୦୦୦୦ । ଏହି ହେଲ୍ପଲାଇନ୍ ନମ୍ବର ଭୁବନେଶ୍ୱର ଓ କଟକରେ କାମ କରିବ । ▶▶ପୃଷ୍ଠା ୭

ବାଲେଶ୍ୱରର ବିକାଶ ପାଇଁ ବିଜେପି ହିଁ ଏକମାତ୍ର ବିକଳ୍ପ

ଦଳୀୟ ପ୍ରାର୍ଥୀ ମାନସଙ୍କ ପାଇଁ ରାଜ୍ୟ ସଭାପତିଙ୍କ ଦମଦାର ପ୍ରଚାର

ବାଲେଶ୍ୱର,୨୦।୧୦ (ନି.ପ୍ର): ଚଳିତ ବାଲେଶ୍ୱର ସଦର ଉପ-ନିର୍ବାଚନର ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ପ୍ରଚାର କ୍ରମଶଃ ଜୋରଦାର ହେବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଆଜି ବାଲେଶ୍ୱରରେ ଦଳୀୟ ପ୍ରାର୍ଥୀ ମାନସଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଥିବା ଦେଖିବାକୁ ମିଳିଛି । ଶ୍ରୀ ମହାନ୍ତି ବାଲେଶ୍ୱର ସହରର ଗୋଳା ପୋଖରୀଠାରୁ ଆରମ୍ଭ କରି ଟାଉନ ଥାନା ଦେଇ ସିନେମା ଛକ ପର୍ଯ୍ୟନ୍ତ କ୍ୟାମ୍ପେନିଂ ସହ ପ୍ରାର୍ଥୀ ମାନସଙ୍କ ପାଇଁ ଭୋଟଭିକ୍ଷା କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ବାର୍ତ୍ତାଳାପ କରିବା ଅବସରରେ ୨୨ ବର୍ଷ ଧରି ଶାସନରେ ଥିବା ନବୀନ ସରକାର ଲୋକଙ୍କୁ କିପରି ଠକିଚାଲିଛନ୍ତି, ସେ ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ । କେବଳ ନିର୍ବାଚନ ସମୟରେ ବିଜେଡି ସରକାର ଲୋକଙ୍କୁ ▶▶ପୃଷ୍ଠା ୭

ଗୋମାଫିଆ ସକ୍ରୀୟ, ଅସୁରକ୍ଷିତ ଗୋମାତା : ବାରିପଦାରେ ଗୋଟିଏ ଦିନରେ ୩ଗୋରୁଗାଡି ଜବଦ

ବାରିପଦା,୨୦।୧୦ (ନି.ପ୍ର): ଜିଲ୍ଲାରେ ଦିନକୁ ଦିନ ଚିନ୍ତାଜନକ ଭାବେ ବର୍ଦ୍ଧିବାରେ ଲାଗିଛି ବେଆଇନ ଗୋଚାଲାଣ । ବର୍ତ୍ତମାନ ସବୁଠି କରୋନା ମହାମାରୀ ପ୍ରକୋପରୁ ରକ୍ଷା ପାଇବା ପାଇଁ ସରକାର, ସ୍ଥାନୀୟ ପ୍ରସାସନ ତଥା ଜନସାଧାରଣ ଉପାୟ ଚିନ୍ତା କରୁଥିବା ବେଳେ ଗୋମାଫିଆ ମାନେ କିନ୍ତୁ ବେଆଇନ ଗୋଚାଲାଣ କରିବାରେ ବ୍ୟସ୍ତ । ସାମାନ୍ୟ କେଇଟା ପଇସା ପାଇଁ ମାନବିକତାକୁ ହରାଇ ବସିଛନ୍ତି ଏମାନେ । କରୋନା ମହାମାରୀ ସମୟରେ ଜୀବଜନ୍ତୁ ଖାଇବାକୁ ପାଉନଥିବା ବେଳେ ମାଫିଆ ମାନେ ଶସ୍ତାରେ ଗୋରୁଗାଈ କିଣି ପଶ୍ଚିମବଙ୍ଗକୁ ବେଆଇନ ଗୋଚାଲାଣ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି । ଏନିମଲ କ୍ରୁଏଲିଟି ଏକ୍ଟକୁ ଜଳାଳି ଦେଇ ଏମାନେ ଆଳୁବସ୍ତା ଭଳି ଗାଡ଼ିରେ ଗାଈଗୋରୁଙ୍କୁ ଆମାନୁଷିକ ଭାବେ ବୋଝେଇ କରିନେଇ କଂସେଇଖାନାରେ ବିକ୍ରୀ କରୁଛନ୍ତି । ତେବେ ଶନିବାର ଗୋଟିଏ ଦିନରେ ବାରିପଦା ଟାଉନ ଥାନା ଓ ସଦର ଥାନା ଅଂଚଳରୁ ବୋାଇନ ଗୋଚାଲାଣ କରୁଥିବା ୩ଟି ଗୋରୁ ବୋଝେଇ ପିକଅପ୍ ଜବତ କରାଯାଇଛି । ଅପରାହ୍ନରେ ସଦର ଥାନା ପକ୍ଷରୁ ଗୋରୁ ନେଇ ଆସୁଥିବା ଦୁଇଟି ପିକଅପ ନଂ ଓ.ଡି.୧୧ୟୁ.୩୭୦୪ ଓ ଓ.ଡି.୧୧ୟୁ.୫୩୦୬କୁ ପୋଲିସ ଜବତ କରିବା ସହିତ ୨ଟି ପିକପରୁ ୨୦ଟି ଗୋରୁଗାଈ କୁ ଉଦ୍ଧାର କରିଥିବା ବେଳେ ସଦରଥାନା ଭାରପ୍ରାପ୍ତ ଅଧିକାରୀ ଅଟକ ରଖିଥିବା ଚାଲାଣକାରୀ କର୍ମଚାରୀଙ୍କୁ ବେଲବଣ୍ଡରେ ଛାଡିଥିବାର ସୂଚନା ମିଳିଛି । ସେହିପରି ଶନିବାର ରାତି ପ୍ରାୟ ୯.୩୦ମିନିଟ ସମୟରେ ବାରିପଦା ଟାଉନ୍ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଗୋରୁ ବୋଝେଇ ଏକ ପିକଅପ୍ ଗାଡ଼ିକୁ ସ୍ଥାନୀୟ ଲୋକ ଅଟକେଇଥିଲେ । ନଂ ଓ.ଡ଼ି.୧୧ କ୍ୟୁ-୩୩୯୯ ନମ୍ବର ବିଶିଷ୍ଟ ଏକ ପିକଅପ୍ ଗାଡ଼ିରେ ୧୦ଟି ଗାଈ ନେଇ ଯାଉଥିବା ବେଳେ କେଶରୀୟା ହିନ୍ଦୁ ବାହିନୀର ସଭାପତି ଦିଲ୍ଲୀପ କୁମାର ଦାସଙ୍କ ନଜରରେ ପଡ଼ିଥିଲା । ଗାଡ଼ିକୁ ଅଟକାଇ ବାରିପଦା ଟାଉନ୍ ଥାନା ପୁଲିସକୁ ସୂଚନା ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଗାଡିର ଡ୍ରାଇଭର ଓ ହେଲପରକୁ ଥାନାକୁ ନେଇଥିଲା । ତେବେ ଗୋରୁଗାଡି ଅଟକାଇଥିବା ଦିଲ୍ଲିପ ଦାସଙ୍କ କହିବା ଅନୁଯାୟୀ ପଶ୍ଚିମ ବଙ୍ଗକୁ ଚାଲାଣ ହୋଉଥିବା ପାଂଚଟି ଗୋରୁଗାଡ଼ିରୁ ଗୋଟିଏ ଗୋରୁ

ଗାଡିକୁ ଧରିବାର ସେ ସକ୍ଷମ ହେଇଛନ୍ତି ଅନ୍ୟଗୁଡିକ ଦ୍ରୁତ ବେଗରେ ଖସି ଚାଲିଯାଇଥିଲେ । ତେବେ ଗାଈ ଗୁଡିକୁ ଉଦ୍ଧାର କରି ପଶୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା କରାଯାଇ ସୁରକ୍ଷିତ ଭାବେ ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି । ଏଥି ସହିତ ଏବାବଦରେ ଏକ କେସ ରୁଜୁ କରାଯାଇ ଗାଡି ଚାଳକ ଓ ହେଲପରକୁ କୋର୍ଟ ଗିରଫ କରି ଚାଲାଣ କରିଥିବାର ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି । ତେବେ ଜିଲ୍ଲାରେ ଏହିପରି ଭାବରେ ବିଭିନ୍ନ ସ୍ଥାନରେ ବେଆଇନ ଗୋଚାଲଣ ଦିନକୁ ଦିନ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । ଏହି ବେଆଇନ ଗୋଚାଲାଣ ର୍ୟାକେଟ ପଶ୍ଚିମବଙ୍ଗ ହୋଇ ସୁଦୂର ବାଂଲାଦେଶକୁ ବେଆଇନ ଭାବେ ଗୋସମ୍ପଦ ରପ୍ତାନି କରୁଥିବାର ସୂଚନା ମିଳୁଛି । ପଶ୍ଚିମବଙ୍ଗରୁ ଆସୁଥିବା ଚୋରା ଗୋବେପାରୀ ମାନେ ଜିଲ୍ଲାର ବିଭିନ୍ନ ହାଟ ତଥା ଗ୍ରାମାଂଚଳରୁ ଏହିପରି ଅମାନୁଷିକ ଭାବେ ଗୋରୁଗାଈ ବୋଝେଇ କରି ନିୟମିତ ଭାବେ ଚୋରାଚାଲଣ କରୁଥିବା ନଜରକୁ ଆସୁଥିବା ବେଳେ, ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ ସୀମାନ୍ତରେ ରହିଥିବାରୁ ଜିଲ୍ଲାର ବାଙ୍ଗିରିପୋଷୀ, ଝାରପୋଖରିଆ, ସାରସକଣା, ରାସଗୋବିନ୍ଦପୁର ଆଦି ସୀମାଦେଇ ରାତିଦିନ ପାଦରେ ଚଲାଇ, ପିକପ ଭ୍ୟାନ ଏବଂ କଂଟେନର ରେ ବେଆଇନ ଗୋଚାଲାଣ ହେଉଥିବାର ଦେଖାଯାଉଛି । ନିରୀହ ଗାଈଗୋରୁଙ୍କୁ ବିପଜ୍ଜନକ ଭାବେ ପରିବହନ କରିବା ଦ୍ୱାରା ବହୁ ସମୟରେ ଗାଡ଼ି ଓଲଟି ଗାଈଙ୍କ ପ୍ରାଣବି ଯାଉଛି । ଅନେକ ସମୟରେ ଚାଲାଣ ବେଳେ ଗୋରୁଗାଈଙ୍କ ମୃତ୍ୟୁ ହେଲେ ରାସ୍ତାରେ ଫିଙ୍ଗିଦେଇ ଚାଲିଯାଉଛନ୍ତି । ଧରପଗଡ଼ ହେଉଥିଲେ ମଧ୍ୟ କୌଶଳ ମତେ ଖସିଯାଉଛନ୍ତି ଏହି ଗୋ ଚାଲାଣକାରୀ ମାନେ । ବାସ୍ତବ କଥା ହେଉଛି ପୋଲିସ ବହୁ ସମୟରେ ଗୋରୁଗାଡି ଧରି ଚାଲାଣକାରୀ କର୍ମଚାରୀ, ଡ୍ରାଇଭର ହେଲପର ମାନଙ୍କୁ ଗିରଫ ମଧ୍ୟ କରୁଛି ହେଲେ ଆଜିଯାଏ ପୋଲିସ ଗୋମାଫିଆଙ୍କ ମାଷ୍ଟର ମାଇଣ୍ଡକୁ ଠାବ କରିପାରୁନି କି ବେଆଇନ ଗୋଚାଲାଣକୁ ଜିଲ୍ଲାରେ ରୋକି କରିପାରୁନି । ଏହାକୁ ନେଇ ଜିଲ୍ଲାର ବୁଦ୍ଧିଜିବୀ ମହଲରେ ଗୋମାଫିଆଙ୍କ ସହିତ କିଛି ଅସାଧୁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଭିତିରି ସମ୍ପର୍କ ଥିବା ବିଷୟରେ ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି । ତେବେ ନିକଟ ଅତୀତରେ ମୟୂରଭଞ୍ଜ ଏସ.ପି. ଜିଲ୍ଲାରେ ବେଆଇନ ଗୋଚାଲାଣ ରୋକିବା ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିଥିବାର ଶୁଣାଯାଉଛି । ଗୋ ଚାଲାଣ କରୁଥିବା ମାଷ୍ଟର ମାଇଣ୍ଡଙ୍କୁ ଠାବ କରି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହି ବେଆଇନ ଗୋଚାଲାଣ ଉପରେ ଅଂକୁଶ ଲାଗିପାରିବ ବୋଲି ଜିଲ୍ଲାର ବୁଦ୍ଧିଜିବୀ ମାନେ କହିଛନ୍ତି ।

ପ୍ରତାପ ଚନ୍ଦ୍ର ମହାନ୍ତି ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ରକ୍ତଦାନ ଶିବିର ଆସନ୍ତା ୨୩ରେ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମନ୍ତ୍ରୀ, ସମାଜସେବୀ ତଥା ଡିର୍ତୋଲ ଏବଂ ଜଗତସିଂହପୁର ଅଂଚଳର ଅନ୍ୟତମ ବିଶିଷ୍ଟ ନେତା ସ୍ୱର୍ଗତ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କର ଜନ୍ମ ଶତ ବାର୍ଷିକ ଉତ୍ସବ ଚଳିତ ମାସ ଅକ୍ଟୋବର ୨୩ ତାରିଖରୁ ଶୁଭାରମ୍ଭ ହେବ । ଏହି ଅବସରରେ ଭୁବନେଶ୍ୱର ସ୍ଥିତ ବ୍ଲଡ୍ ବ୍ୟାଙ୍କ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଗଠିତ ରାଜ୍ୟ ସ୍ତରୀୟ କମିଟିର ଆବାହକ ରହିଛନ୍ତି ବରିଷ୍ଠ ସାହିତ୍ୟିକ ତଥା ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର । ଅଭ୍ୟର୍ଥନା ସମିତିରେ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ବିଧାୟକଙ୍କ ମଧ୍ୟରେ ଅମର ପ୍ରସାଦ ଶତପଥୀ, ଅତନୁ ସବ୍ୟସାଚୀ ନାୟକ, ପ୍ରଶାନ୍ତ କୁମାର ମୁଦୁଲି, ଇଂ. ସମିତ୍ ରାଉତରାୟ, ପୂର୍ବତନ ବିଧାୟକଙ୍କ ମଧ୍ୟରେ ପ୍ରଭାତ କୁମାର ତ୍ରିପାଠୀ, ଦେବାଶିଷ ସାମନ୍ତରାୟ ସଦସ୍ୟ ଅଛନ୍ତି । ସେହିପରି ପ୍ରସ୍ତୁତି କମିଟିର ଅଧ୍ୟକ୍ଷ ରହିଛନ୍ତି ଇଂ. ଶାରଦା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଅଛନ୍ତି ପୂର୍ବତନ ଆଇ.ଏ.ଏସ୍ ଶ୍ରୀ ସର୍ବେଶ୍ୱର ମହାନ୍ତି, ପ୍ରଫେସର ଡଃ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଶ୍ରୀ ବିପିନ ବିହାରୀ ରାୟ । ଏହାର ସାଧାରଣ ସଂପାଦକ ଅଛନ୍ତି ଇଂ. ପ୍ରକାଶ ଚନ୍ଦ୍ର ମହାନ୍ତି ଓ ସଂଗଠନ ସଂପାଦକ ରହିଛନ୍ତି ଯୁବନେତା ଶ୍ରୀ ନିଶିତ୍ କରଣ । ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ସର୍ବଶ୍ରୀ ବିବେକାନନ୍ଦ ପାଣିଗ୍ରାହୀ , ଡକ୍ଟର ବଦ୍ରିନାଥ ପଟ୍ଟନାୟକ, ଇଂ. ପ୍ରଦ୍ୟୁମ୍ନ କାନୁନ୍‌ଗୋ, ଆଡ୍‌ଭୋକେଟ୍ ଦେବସ୍ମାନ ଦାସ, ବରିଷ୍ଠ ସାମ୍ବାଦିକଙ୍କ ମଧ୍ୟରେ ସର୍ବଶ୍ରୀ ଦେବୁ ପଟ୍ଟନାୟକ, ଅର୍ଜୁନ ମୁଦୁଲି ଓ ଜ୍ଞାନରଞ୍ଜନ ସାମନ୍ତରାୟ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟରଞ୍ଜନ ମହାନ୍ତି ରହିଛନ୍ତି ବୋଲି କମିଟି ପକ୍ଷରୁ ଜଣାଯାଇଛି ।

ନକଲି ଜର୍ଦ୍ଦା କାରଖାନା ଠାବ : ବହୁ ନକଲି ଜର୍ଦ୍ଦା ଜବତ, ୩ ଗିରଫ

ଧର୍ମଶାଳା,୨୦।୧୦ (ନି.ପ୍ର): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଂଚରୁ ବେଆଇନଭାବେ ଚାଲୁଥିବା ଏକ ନକଲି ଜର୍ଦ୍ଦା କାରଖାନା ଉପରେ ଚଢାଉ କରାଯାଇ ବିପୁଳ ପରିମାଣରୁ ନକଲି ଜର୍ଦ୍ଦା,ବ୍ୟବହୃତ ଯନ୍ତ୍ରାଶ ଓ ୩ ଜଣଙ୍କୁ ଗିରଫ କରିବାରେ ଯାଜପୁର ରୋଡ ଏସଡିପିଓ ଚିନ୍ମୟ ନାୟକ ସଫଳତା ପାଇଛନ୍ତି । ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଳବା(ମାଳହାଟ ବଜାର)ଗ୍ରାମରେ ଏକ ଘରେ ବେଆଇନଭାବେ ନକଲି ଜର୍ଦ୍ଦା କରାଖାନା ଚାଲୁଥିବା ବେଳେ ପୋଲିସ ଆତର୍କିତ ଚଢାଉ କରିଥିଲା । ଏହି ଚଢାଉ ସମୟରେ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା,ବିଭିନ୍ନ ବଡବଡ କମ୍ପାନୀର ଷ୍ଟିକର ଓ ବ୍ୟବହୃତ ଯନ୍ତ୍ରାଶଂକୁ ଜବତ କରାଯାଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରାଯାଇଛି । ଏହି ଗ୍ରାମର ସ୍ୱର୍ଗତ ଖଟୁ ରାଉତଙ୍କ ୨ ପୁଅ ସୁର(୬୨),ଜଗତ(୫୮) ଓ ସୁର ରାଉତଙ୍କ ପୁଅ ସୁଦାମ(୩୩)ଙ୍କୁ ଗିରଫ କରାଯାଇଛି । ଗୋପାଳ ୬୦,ଶିବଦାତା୩୫୫,ବାବା ଜର୍ଦ୍ଦା,କନକ ଜର୍ଦ୍ଦା,ରାସନା ଚମନବାର ଆଦି ସାମଗ୍ରୀକୁ ନକଲ କରି ସ୍ଥାନୀୟ ବଜାରରେ ବେଧଡକରେ ବ୍ୟବସାୟ ଚଳାଇ ଆସୁଥିଲେ । ଏନେଇ ଜେନାପୁର ଥାନାରେ କେସ ନଂ ୩୩୯/୨୦ରେ ଏକ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଜାରି ରହିଛି ।

ଟ୍ରାକ୍ଟର ମାଲିକ ସଂଘର ଜରୁରୀ ବୈଠକ

ନୂଆପଡା,୨୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ରାଣିପୁର ଗ୍ରାମର ଆମ୍ବ ବଗିଚା ଠାରେ ଖଡିଆଳ ଟ୍ରାକ୍ଟର ମାଲିକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖଡିଆଳ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଟ୍ରାକ୍ଟର ମାଲିକ ମାନଙ୍କୁ ଅନେକ ପ୍ରକାରର ହଇରାଣ ହରକତ କରିବା ସହିତ ବାଲି, ଇଟା, ଚିପ୍‌ସ, ମେଟାଲ ଇତ୍ୟାଦି ବୋଝେଇ ନେଲା ବେଳେ ଚଢାଉ କରୁଛନ୍ତି । ଏପରିକି ୨୦ ହଜାର ଟଙ୍କାରୁ ଅଧିକ ଫାଇନ ଆଦାୟ କରିବା ସହିତ ବାରମ୍ବାର ଟ୍ରାକ୍ଟର ଠାରୁ ଫାଇଜ ଆଦାୟ ସହ ଟ୍ରାକ୍ଟରକୁ ଜବତ କରୁଛନ୍ତି । ବର୍ତମାନ ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ଆବାସ ଗୃହରେ ସାମଗ୍ରୀ ପକାଉଥିବା ବେଳେ ସେଥିରୁ ମଧ୍ୟ ବାଦ ଦିଆଯାଉନାହିଁ । ଫଳରେ ଟ୍ରାକ୍ଟର ମାଲିକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଟ୍ରାକ୍ଟର ଚଲାଇଲା ବେଳେ ଭୟ ରହୁଥିବା ପ୍ରକାଶ କରିଛନ୍ତି । ପ୍ରଶାସନର ବୈମାତୃକ ମନୋଭାବ ବନ୍ଦ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଆଖଣ୍ଡଳମଣି ପୀଠରେ ମାଷ୍ଟରପ୍ଲାନ କାର୍ଯ୍ୟକାରୀ ଆରମ୍ଭ, ମନ୍ଦିର ବେଢା ପରିସରରୁ ୧୯ ଦୋକାନ ଗୃହ ଉଚ୍ଛେଦ

ଭଦ୍ରକ, ୨୦/୧୦ (ହି.ସ.) - ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳି ଭାବେ ପରିଚିତ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବକ୍ଷେତ୍ର ଆରଡିଧାମର ଦୀର୍ଘ ୫୦ବର୍ଷ ପରେ ଆରମ୍ଭ ହେଲା ମାଷ୍ଟରପ୍ଲାନ କାର୍ଯ୍ୟକାରୀ । ଏପରିକି ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲାପାଳ ଜ୍ଞାନ ଦାସଙ୍କ ପରାମର୍ଶ କ୍ରମେ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଥମିକ ପ୍ରର୍ଯ୍ୟାୟରେ ମନ୍ଦିର ବେଢା ଭିତର ଓ ବାହାରେ ଥିବା ୧୫ଭୋଗ ଦୋକାନ ସମେତ ୧୯ଗୋଟି ଦୋକାନ ଗୃହ ସୋମବାର ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ କାର୍ଯ୍ୟରେ ଚାନ୍ଦବାଲି ବିଡିଓ ଜ୍ୟୋତିପ୍ରକାଶ ଦାସ, ତହସିଲିଦାର ଶୁଶାନ୍ତ ସୁତାର, ଧାମନଗର ଅତିରିକ୍ତ ତହସିଲିଦାର ଅଭିସ୍ନା ପଟନାୟକ,ଜଣେ ଏଏସପି, ୩ଜଣ ଏସଡିପିଓଙ୍କ ସହ ବ୍ୟାପକ ପୋଲିସ ମୃତ୍ୟୟନ କରାଯାଇଥିଲା । ଉଚ୍ଛେଦ ପୂର୍ବରୁ ମନ୍ଦିର ପ୍ରଶାସନ ପକ୍ଷରୁ ମଣିବାବାଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ସକାଳ ୯ଟାରେ ଇଲେକ୍ଟ୍ରିକ୍ ମ୍ୟାସିନ ଦ୍ୱାରା ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା । ମନ୍ଦିରର ଟ୍ରଷ୍ଟି ତଥା ଭଦ୍ରକ ଉପଜିଲାପାଳ ପିତାମ୍ବର ସାମଲଙ୍କ କହିବା ଅନୁଯାୟୀ ଉଚ୍ଛେଦ ହେବାକୁ ଥିବା ଦୋକାନୀମାନଙ୍କୁ ଦୀର୍ଘମାସ ହେବ ନଟକା ଜାରି କରାଯାଇଥିବା ବେଳେ ରବିବାର ସୁଧା ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଗତକାଲି ରାତି ସୁଧା ଦୋକାନୀମାନେ ତାଙ୍କର ଦୋକାନ ଗୃହ ଖାଲି କରିବା ପରେ ସୋମବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା । ଯାହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସୂଚନା ଅନୁଯାୟୀ ଦୀର୍ଘ ୫୦ବଷ ହେବ ପୀଠରେ ମାଷ୍ଟରପ୍ଲାନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କେତେବେଳେ ଅର୍ଥ ବାଧକ ସାଜିଥିଲା ତ ଆଉ କେତେବେଳେ ସ୍ଥାନୀୟ କିଛି ଲୋକଙ୍କ ବିରୋଧ ଯୋଗୁ ଉକ୍ତ ମାଷ୍ଟରପ୍ଲାନ କାର୍ଯ୍ୟ ଫାଇଲ ମଧ୍ୟରେ ଅଟକି ଯାଇଥିଲା । ହେଲେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ପୀଠର ବିକାଶ ମୂଳକ କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣ ପାଇଁ ୬କୋଟି ଟଙ୍କା ମଞ୍ଜୁର କରାଯିବା ସହ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲାପ୍ରଶାସନକୁ ଦାୟୀତ୍ୱ ଭାର ଦିଆଯାଇଥିଲା । ଏପରିକି ଗତ କିଛିଦିନ ତଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାଜ୍ୟ ଦେବୋ ର ବିଭାଗ ଓ ପ୍ରତ୍ନ ବିଭାଗର ଅଧିକାରୀମାନେ ଆରଡିପୀଠକୁ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ଜିଲାପ୍ରଶାସନ ସହ ଆଲୋଚନା କରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ । କିଛିମାସ ପୂର୍ବେ ଜିଲା ପ୍ରଶାସନ ପକ୍ଷରୁ ପୀଠର ମାଷ୍ଟରପ୍ଲାନ କାର୍ଯ୍ୟକାରୀ କରିବା ସହ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ଆରକିଟେକର ଓ ଜିଲା ଟାଉନପ୍ଲାନିଂ ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ଏହି ଯୋଜନାରେ ମନ୍ଦିର ଗର୍ଭଗୃହର ମରାମତି ସହ ମନ୍ଦିର ବେଢା ଚଟାଣ ଓ ପ୍ରାଚେରୀର ସୌନ୍ଦର୍ଯ୍ୟକରଣ, ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ସହ ଚନ୍ଦନ ମନ୍ଦିର ନିର୍ମାଣ, ଭକ୍ତମାନଙ୍କ ସୁଗମ ଦର୍ଶନ ନିମନ୍ତେ ଏକ ପାଦଚଲା ରାସ୍ତା, ଭକ୍ତମାନଙ୍କ ଉପାସନା ପାଇଁ ୩ମହଲା ବିଶିଷ୍ଟ କୋଠା, ଶ୍ରାବଣୀ ମନ୍ଦିର , ଯଜ୍ଞ ମଣ୍ଡପ ନିର୍ମାଣ ଆଦି ପ୍ରକଳ୍ପ ପାଇଁ ପାଖାପାଖି ୪୮କୋଟି ଟଙ୍କାର ଏକ ଚିଠା ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା । ହେଲେ ଏପଟେ ପ୍ରଶାସନ ପକ୍ଷରୁ ଜବରଦଖଲ ସହ କିଛି ଦୋକନ ଗୃହ ଉଚ୍ଛେଦ କରାଯିବା ପରେ ସୌନ୍ଦର୍ଯ୍ୟକତଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି । ଦୀର୍ଘ ୪ଶହ ବର୍ଷ ହେବ ମନ୍ଦିର ଓ ପୀଠର କୌଣସି ବିକାଶ ମୂଳକ କାର୍ଯ୍ୟ ହୋଇନଥିବା ବେଳେ ଏବେ ବଦଳିବ ପୀଠ ଓ ମନ୍ଦିରର ରୂପରେଖ ।

ଘର ଜବରଦଖଲ, ଜିଲ୍ଲାପାଳଙ୍କୁ ଭେଟିଲେ ବୃଦ୍ଧ

କେନ୍ଦ୍ରାପଡା,୨୦।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ନନ୍ତାର ଗ୍ରାମର ଜଣେ ବୃଦ୍ଧ ନିଜ ବାସଗୃହ ଫେରି ପାଇବା ପାଇଁ ମହାକାଳପଡା ଥାନାରେ ଶରଣାପନ୍ନ ହୋଇଛନ୍ତି । ବଡଭାଇ ଓ ତାଙ୍କ ପୁଅମାନେ ଜବରଦସ୍ତ ଏହି ବୃଦ୍ଧଙ୍କ ଘରକୁ ଅକ୍ତିଆର କରିନେଇ ନେଇ ଧମକଚମକ ଦେଉ ଥିବାରୁ ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହି ଗ୍ରାମର ବିଦ୍ୟାଧର ମଳିକ(୬୧) ଙ୍କ ବଡଭାଇ ତାଙ୍କ ଅଂଶର ଜମିବାଡି ବିକ୍ରୟ କରିବା ପରେ ବିଦ୍ୟାଧରଙ୍କ ଘରକୁ ଜବର ଦଖଲରେ ରଖିଛନ୍ତି । ଏନେଇ କହିବାରୁ ପୁତୁରା ମାନେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି । ଏନେଇ ବିଦ୍ୟାଧର ମହାକାଳପଡା ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସୋମବାର ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ।

ଫିରିଙ୍ଗିଆ ସରୁକୋଇ ଘାଟିରେ ସ୍କୁଟି ଦୁର୍ଘଟଣାରେ ଜଣେ ମୃତ ଜଣେ ଆହତ

କନ୍ଧମାଳ,୨୦।୧୦ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳର ସରୁକୋଇ ଘାଟିରେ ଗୋଟିଏ ସ୍କୁଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହେବା ସହିତ ଆଉ ଜଣେ ଗୁରୁତର ଭାବରେ ଆହତ ହୋଇଛନ୍ତି । ଦୁର୍ଘଣା ପରେ ସେଠାରେ ଲୋକଙ୍କ ସହାୟତାରେ ଫୁଲବାଣୀ ୧୦୮ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବାପରେ ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷିତ କରିଥିଲେ । ଘଟଣା ଅନୁସାରେ ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ଫିରିଙ୍ଗିଆ ସରୁକୋଇ ଗାଁରୁ ଚିତ୍ରସେନ ମଲ୍ଲିକ ଏବଂ ତାଙ୍କର ମଉଷା ନାରାୟଣ କହଁର(୬୦) କୌଣସି କାମରେ ଏକ ସ୍କୁଟି (ଓଡି-୧୨-ଏ,୩୬୬୮)ରେ ଫିରିଙ୍ଗିଆ ଯାଉଥିବାବେଳେ ସରୁକୋଇ ଘାଟିରେ ସ୍କୁଟିଟି ଭାରସାମ୍ୟ ହାରାଇ ଦୁର୍ଘଟଣା ଗ୍ରସ୍ତ

'କ୍ୱାଥ' ପିଇବା ସୁସ୍ଥ ରହିବା

'ଶରୀରଂ ରୋଗ ସମ୍ଭବଂ' । ଅର୍ଥାତ୍, ଦେହ ଅଛି ତ ରୋଗ ଅଛି । କିନ୍ତୁ ଆମ ଶରୀରରେ ଥିବା 'ରୋଗ ପ୍ରତିରୋଧକ ଶକ୍ତି ଆମକୁ ରୋଗ କବଳରୁ ରକ୍ଷା କରିଥାଏ । ଏହାକୁ 'ବ୍ୟାଧିକ୍ଷମତ୍ୱ' କୁହାଯାଏ ।

ଆମ ଶରୀରରେ କେତେକ ରୋଗର ସ୍ଥାୟୀ ପ୍ରତିରୋଧକ ଶକ୍ତି ସୃଷ୍ଟି ପାଇଁ ଟୀକା ତିଆରି ହୋଇଛି । କିନ୍ତୁ 'କରୋନା କରି ଆଜିର ନୂଆ ରୋଗ ପାଇଁ ଟୀକା ଏଯାଏ ତିଆରି ହୋଇନାହିଁ । ସେଥିପାଇଁ ସୁପ୍ରାଚୀନ କାଳରୁ ଶରୀରର 'ବ୍ୟାଧିକ୍ଷମତ୍ୱ' ବୃଦ୍ଧି ପାଇଁ ଆୟୁର୍ବେଦ ଶାସ୍ତ୍ରରେର ଉପାୟ ଦର୍ଶାଯାଇଛି । ଅତିମାରୀ କରୋନାର ପ୍ରତିରୋଧକ ଭାବରେ ତାହାର ଉପାଦେୟତା ଆଜି ବି ସ୍ୱୀକୃତି ହେଉଛି ।

ଆମ ଶରୀରର ଗୋଟିଏ ସାଧାରଣ ରୋଗ ହେଉଛି, ଥଣ୍ଡା, ସର୍ଦ୍ଦି, କାଶ ଓ ଜ୍ୱର । ଏହାର ପ୍ରତିରୋଧକ ଭାବରେ କେତୋଟି ସାଧାରଣ ଦ୍ରବ୍ୟରେର ପ୍ରସ୍ତୁତ 'କ୍ୱାଥ' ବା ସିଝାପାଣରିର ଦ୍ରବଣ ଅତ୍ୟନ୍ତ ଉପାଦେୟ । ସେହି ଦ୍ରବ୍ୟଗୁଡ଼ିକ ହେଉଛି- ଡାଳଚିନି, ଗୋଲମରିଚ, ପୁଦିନା, ତେଜପତ୍ର, ତୁଳସୀପତ୍ର, ଗୁଜୁରାତି, ଶୁଣ୍ଠି ଓ ଚା' ପତି । ଏସବୁ ଆମକୁ ସହଜରେ ମିଳୁଥିବା ଜିନିଷ । ଏହାକୁ ଏକାଠି କୁଟି, ଗୁଣ୍ଡକରି, 'କ୍ୱାଥ'

ପାଇଁ ବ୍ୟବହାର କରାଯାଏ । ଚା' ପରି, ସେହି ଗୁଣ୍ଡକୁ ଦଶମିନିଟ୍ ପାଣିରେ ସିଝାଇ ଓ ଛାଣି ବ୍ୟବହାର କଲେ ଶରୀରର 'ବ୍ୟାଧିକ୍ଷମତ୍ୱ' ବୃଦ୍ଧିପାଏ । ଏସବୁ ମଧ୍ୟରୁ ତୁଳସୀ କଫନାଶକ ଓ ରକ୍ତଶୋଧକ । ଏହା ହୃତ୍‌ପିଣ୍ଡ ପାଇଁ ଅତି ଉପକାରୀ ଏବଂ ଜୀବାଣୁମାନଙ୍କର ବିଷକ୍ରିୟା ନାଶ କରି ଶରୀରରର ଓଜ ବା ଶକ୍ତି ବଢ଼ାଇଥାଏ । ଡାଳଚିନି କିଛି ପରିମାଣଣଣରେ ତୀକ୍ଷ୍ଣ ହେଲେ ମଧ୍ୟ, ବେଦନା ନାଶ କରେ ଓ ନାଭିମଣ୍ଡଳକୁ ସକ୍ରିୟ କରାଏ । ଏହା ମଧ ବିଷନାଶକ, ଯକୃତର ଶକ୍ତିବର୍ଦ୍ଧକ ଓ ଶରୀରର କ୍ଷୟ ନିରୋଧକ । କଫ ହିଁ ଶରୀରରେ କାଶ, ଶ୍ୱାସ, ଜ୍ୱର ଏବଂ ଥଣ୍ଡା ବା ସର୍ଦ୍ଦିର କାରଣ । ଗୋଲମରିଚର ଗୋଟିଏ ବଡ଼ଗୁଣ ହେଉଛି, ଏହା କଫନାଶକ ଓ କଫ ନିୟନ୍ତ୍ରକ । ଏହା ନାଡ଼ିମଣ୍ଡଳ ପାଇଁ ଅତ୍ୟନ୍ତ ଉପକାରୀ । ଶରୀରରୁ ବିଷ ଓ କୃମି ନାଶ କରି ଏହା ବିଷାକ୍ତ ଅଂଶକୁ ମୂତ୍ରମାର୍ଗରେ ନିଷ୍କାସିତ କରେ ଏବଂ ଶରୀରକୁ ସ୍ଫୂର୍ତ୍ତି ଦିଏ । ରକ୍ତକୁ ଶୁଦ୍ଧ କରେ । ଗୁଜୁରାତି ବା ଛୋଟ ଅଳେଇଚ ହୃତ୍‌ପିଣ୍ଡ ପାଇଁ ହିତକର । ଏହା ବାତ, ପିତ୍ତ ଓ କଫର ସନ୍ତୁଳନ ରକ୍ଷା କରେ ଏବଂ କଫକୁ କାଟି ଦେହରେ କାଶ, ଶ୍ୱାସ ଓ ସର୍ଦ୍ଦି କରାଇ ଦିଏ ନାହିଁ ।

ଏହାର କ୍ଷୟ ନିରୋଧୀ ଉପାଦାନ ମଧ୍ୟ ଶରୀରକୁ ଶକ୍ତି ଦିଏ । ପୂଦିନା ପାଚନଶକ୍ତି ବୃଦ୍ଧିକାରକ ଓ ଶରୀରର ବିଶୋଧକ । ଶୁଣ୍ଠି ଆମଦୋଷ ନାଶକ ଓ ଅଗ୍ନିର୍ଦ୍ଧକ । ଚା' ପତି, ବିଶେଷ କରି ସବୁଜ ଚା' (ଗ୍ରୀନ୍ ଟି) ସହିତ ମିଶାଇ ପ୍ରସ୍ତୁତ କରାଯାଉଥିବା ଏସବୁର 'କ୍ୱାଥ' ଆମ ଶରୀର ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ । କାରଣ ଚା' ବା ସବୁଜ-ଚା ଏକ 'ଆଣ୍ଟି-ଅକ୍ସିଡାଣ୍ଟ' ବା ବିଷାକ୍ତ ଉପାଦାନ ନାଶକ । ଏଣୁ ଏସବୁର ପ୍ରସ୍ତୁତ 'କ୍ୱାଥ' ପିଇଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଆମକୁ ସ୍ଫୂର୍ତ୍ତ ଓ କର୍ମତତ୍ପର କରିଥାଏ । ଏହା ଫଳରେ ଆମେ ନିରୋଗ ଓ ଦୀର୍ଘଜୀବୀ ହୋଇଥାଉ ।

ରହସ୍ୟମୟୀ କୁଣ୍ଡ ଗଭୀରତା ମାପିପାରୁନି ବୈଜ୍ଞାନିକ ଯନ୍ତ୍ର



ମଧ୍ୟପ୍ରଦେଶର ଛତରପୁର ଜିଲାରୁ ୭୦ କି.ମି ଦୂର ବାଜନା ଗ୍ରାମ ସ୍ଥିତ ଏକ କୁଣ୍ଡକୁ ଦେଖିବାକୁ ଦେଶ ବିଦେଶରୁ ଲୋକେ ନିୟମିତ ଆସୁଛନ୍ତି । ଏହି କୁଣ୍ଡଟି ମହାଭାରତ କାଳର ବୋଲି କୁହାଯାଉଛି । କୁଣ୍ଡର ଗଭୀରତା ଏତେ ଅଧିକ ଯେ, ଏହାକୁ ମାପିବା ପାଇଁ ବ୍ୟବହାର ହେଉଥିବା ଯନ୍ତ୍ରାଂଶ ବିଫଳ ହେଉଛି । କୁହାଯାଏ ଯେ, ଯେତେବେଳେ ପାଣ୍ଡବମାନେ ଅଜ୍ଞତବାସରେ ଥିଲେ ସେତେବେଳେ ପାଣିର ସନ୍ଧାନ ପାଇଁ ସେମାନେ ଏଠାକୁ ଆସିଥିଲେ । ଏଠାରେ ପାଣିର କୌଣସି ସ୍ରୋତ ନମିଳିବାରୁ ସେତେବେଳେ ଭୀମ ନିଜ ଗଦାରେ ଏହି କୁଣ୍ଡ ବନାଇଥିଲେ । ଏହି କୁଣ୍ଡର ଆକାର ମଧ ଠିକ୍ ଗଦା ଭଳି ରହିଛି । ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଏହି କୁଣ୍ଡର ଗଭୀରତା ମାପିବାରେ ବିଫଳ ରହିଛନ୍ତି । ବିଦେଶୀ ବୈଜ୍ଞାନିକମାନେ ମଧ ଏହି ଉଦ୍ୟମ କରି ବିଫଳ ହୋଇଛନ୍ତି ।

ରିମୋଟ୍ ନିୟନ୍ତ୍ରିତ କୁକୁର

ଚୀନ୍‌ରେ ବର୍ତ୍ତମାନ ଅପରାଧୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ସବୁପ୍ରକାର ଚେଷ୍ଟା କରାଯାଉଛି । କି ଭଳି ଅଧିକରୁ ଅଧିକ ଅପରାଧୀମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ ସେଥିପାଇଁ ବିଭିନ୍ନ ଉପାୟ କରାଯାଉଛି । ସେଥିମଧ୍ୟରୁ ଗୋଟିଏ ହେଉଛି ପୁଲିସ୍ କୁକୁରକୁ ରିମୋଟ୍ ଦ୍ୱାରା ନିୟନ୍ତ୍ରଣ କରିବା । ଚୀନ୍ ଏପରି ଏକ ରିମୋଟ୍ ବିକଶିତ କରୁଛି ଯାହା ସାହାଯ୍ୟରେ କୁକୁରଙ୍କୁ କାବୁ କରିହେବ । ଏକ ରିପୋର୍ଟ ଅନୁଯାୟୀ କୁକୁରମାନେ ଅଲ୍ଟ୍ରାସୋନିକ୍ ତରଙ୍ଗ ଶୁଣିପାରନ୍ତି । ଯାହାଦ୍ୱାରା ସେମାନଙ୍କୁ ଶବ୍ଦ ତରଙ୍ଗ ସାହାଯ୍ୟରେ ନିୟନ୍ତ୍ରିତ କରିହେବ ।

ଏହି ଉପାୟଦ୍ୱାରା ଅପରାଧୀଙ୍କୁ ସହଜରେ ନିୟନ୍ତ୍ରିତ କରିହେବ । ଏହି ଉପାୟଦ୍ୱାରା ଅପରାଧୀଙ୍କୁ ସହଜରେ ଏବେ ଧରାଯାଇପାରିବ, କାରଣ ଏହାଦ୍ୱାରା ଅପରାଧୀର ସନ୍ଦେହ ହେବ ନାହିଁ ଯେ ପୁଲିସ୍ କୁକୁର ତାଙ୍କୁ ଅନୁସରଣ କରୁଛି । ମଜାକଥା ହେଲା ସେତେବେଳେ କୁକୁର ନିକଟରେ କୌଣସି ପୋଲିସ୍ ଅଧିକାରୀ ରହିବେ ନାହିଁ ।



ସ୍ୱାସ୍ଥ୍ୟ ମନ୍ତ୍ର

- ହଳଦୀ ଜୀବଣୁ ଓ କୀଟାଣୁ ବିରୋଧୀ । କ୍ଷତ ସ୍ଥାନରେ ହଳଦୀ ଲଗାଇଦିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ରହେ ନାହିଁ ଏବଂ ରକ୍ତସ୍ରାବ ବନ୍ଦ ହୁଏ ।
- ହଳଦୀ ଓ ହିଙ୍ଗୁ ପାଣିରେ ବତୁରାଇ ଦାନ୍ତ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ ।
- ବାୟୁଦୋଷ ଦୂର ପାଇଁ ଉଷୁମ ପାଣିରେ ଚିମୁଟାଏ ହଳଦୀ ଓ ଲୁଣ ଘାଣ୍ଟି ପିଅନ୍ତୁ ।
- ଗରମ କ୍ଷୀରରେ ହଳଦୀ ଫେଣ୍ଟି ପିଇବା ଦ୍ୱାରା ଥଣ୍ଡା ଦୋଷ ଦୂର ହୁଏ ।
- ପାଟି ଭିତର ଘା' ହୋଇଥିଲେ ହଳଦୀ ଓ ମହୁ ମିଶାଇ ଲଗାନ୍ତୁ । କିଛି ସମୟ ପରେ ଉଷୁମ ଲୁଣ ପାଣି କୁଳି କରନ୍ତୁ ।
- ପାଦ ଫାଟୁଥିଲେ ନଡିଆ ତେଲ ଓ ହଳଦୀ ଗୋଳାଇ ଲଗାନ୍ତୁ ।

କଥା କହୁଥିବା ଟାଟୁ

ଆଜିକାଲି ପିଲାମାନଙ୍କ ଭିତରେ ଟାଟୁ ସଉକ ଦେଖାଯାଉଛି । ଆମେ ସିନା ଟାଟୁ ଦେଖିଛେ, କିନ୍ତୁ କେବେ ଟାଟୁ କଥା କହୁଥିବାର ଶୁଣି ନାହେଁ । ଏବେ ମାର୍କେଟରେ କଥା କହୁଥିବା ଟାଟୁ ବିଷୟରେ ଚର୍ଚ୍ଚା ହେଉଛି । ଆମେରିକାରେ ରହୁଥିବା ନେଟ୍ ସିଗାର୍ଡକର ନିଜ ପତ୍ନୀଙ୍କୁ ସରପ୍ରାଇଜ୍ ଦେବାପାଇଁ ଏକ ନୂଆ ପ୍ରକାର ଉପାୟ ବାହାର କରିଛନ୍ତି । ନେଟ୍ ଏପରି ଏକ ଟାଟୁର ଉଦ୍ଭାବନ କରିଛନ୍ତି, ଯାହା କେବଳ ଦେଖିବାରେ ଆକର୍ଷଣକାରୀ ନୁହେଁ, ତାହା ମଧ୍ୟ ଶବ୍ଦ ସୃଷ୍ଟି କରିପାରୁଛି । ଏହାକୁ 'ସାଉଣ୍ଡ ୱେବ୍ ଟାଟୁ' କୁହାଯାଉଛି । ଏହି 'ସାଉଣ୍ଡ୍ ୱେଭ୍ ଟାଟୁ'ରୁ ଏକ ଆପ୍ ଜରିଆରେ ଆପଣ ଶବ୍ଦ ଶୁଣିପାରିବେ । ଏହି ଟାଟୁ ସମ୍ପୂର୍ଣ୍ଣ ଅଲଗା ପ୍ରକାରର ଅଟେ । ଟାଟୁ କରିବା ସମୟରେ ଏହାର ସାଉଣ୍ଡ୍ ଟ୍ରାକ୍ ଖୁବ୍ ସାବଧାନତା ସହକାରେ କରାଯାଇଥାଏ । ଏହାପରେ ଦେହ ଚମଡ଼ାରେ ହୋଇଥିବା ଟାଟୁକୁ ସ୍କାନ୍ କଲେ ଏଥିରୁ ସ୍ୱର ବାହାରିଥାଏ । ଏହି ଶବ୍ଦ କୌଣସି ମେସେଜ୍, ଗୀତ କିମ୍ବା କୋଡ୍‌ୱାର୍ଡ ହୋଇପାରେ ।

ଡଲ୍‌ଫିନ୍ ସାହାଯ୍ୟରେ ମାଛମରା

ବିପଦ ଆପଦ ବେଳେ ଡଲ୍‌ଫିନ୍ ମଣିଷକୁ ସାହାଯ୍ୟ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି । ବ୍ରାଜିଲ୍‌ର ଏକ ଛୋଟିଆ ଉପକୂଳବର୍ତ୍ତୀ ସହର ଲାଗୁନାରେ ପ୍ରାୟ କୋଡ଼ିଏଟି ଡଲ୍‌ଫିନ୍ ମତ୍ସ୍ୟ ଶିକାରରେ ସ୍ଥାନୀୟ ଧୀବରମାନଙ୍କୁ ସହାୟତା କରୁଛନ୍ତି । ଡଲ୍‌ଫିନ୍‌ଗୁଡ଼ିକ ପୋଷା ବା ତାଲିମପ୍ରାପ୍ତ ନୁହନ୍ତି । ସ୍ୱ-ଇଚ୍ଛାରେ ଧୀବରମାନଙ୍କୁ ସାହାଯ୍ୟ କରୁଛନ୍ତି । ଲାଗୁନାକୁ ଲାଗିଥିବା ସମୁଦ୍ରର ପାଣି ଅତି ଗୋଳିଆ; ମାଛ ମାରିବା ଆଦୌ ସହଜ ନୁହେଁ । ତେବେ, ଡଲ୍‌ଫିନ୍ ସହାୟତା ଯୋଗୁଁ ଧୀବରମାନେ ମୁଖ୍ୟତଃ ମୁଲେଟ୍ ନାମକ ମାଛ ବେଶ୍ ସହଜରେ ଧରିପାରୁଛନ୍ତି । ଡଲ୍‌ଫିନ୍‌ଗୁଡ଼ିକ ମାଛଙ୍କୁ ଘଉଡ଼ାଇ, ଜାଲ ନିକଟକୁ ପଠାଉଛନ୍ତି । କୋଉଠି ଜାଲ ପକାଇଲେ ମାଛ ପଡ଼ିବେ, ସେମାନେ ସଙ୍କେତ ଦ୍ୱାରା ଧୀବରମାନଙ୍କୁ ଜଣାଉଛନ୍ତି । ଫଳରେ ଧୀବରମାନେ ପର୍ଯ୍ୟାପ୍ତ ମାଛ ଧରିପାରୁଛନ୍ତି । ଧରାପଡୁଥିବା ମାଛର ଏକ ବଡ଼ ଭାଗ ଡଲ୍‌ଫିନ୍‌ଙ୍କୁ ଦିଆଯାଉଛି । ଏହା ମାଛ ଡଲ୍‌ଫିନ୍‌ଙ୍କର ପ୍ରିୟ ଖାଦ୍ୟ । ଲାଗୁନା ଉପକୂଳ ସହସ୍ରାଧିକ ଡଲ୍‌ଫିନ୍‌ଙ୍କ ବାସସ୍ଥାନ । ତେବେ, ଅଳ୍ପ କିଛି ଡଲ୍‌ଫିନ୍ କୂଳକୁ ଆସି, ମାଛ ଧରା କାର୍ଯ୍ୟରେ କାହିଁକି ମଣିଷକୁ ସାହାଯ୍ୟ କରୁଛନ୍ତି, ରହସ୍ୟମୟ ହୋଇରହିଛି । ଲାଗୁନାରେ କୋଡ଼ିଏଟି ଡଲ୍‌ଫିନ୍ ପ୍ରାୟ ଦୁଇଶହ ଧୀବରଙ୍କ ବନ୍ଧୁ । ଏ ବାବଦରେ ଅଧିକ ଜାଣିବା ପାଇଁ 'ସାନ୍‌ଟା କାଟ୍‌ରିନା ବିଶ୍ୱବିଦ୍ୟାଳୟ'ର ଗବେଷକମାନେ ଅଧ୍ୟୟନ ଆରମ୍ଭ କରିଛନ୍ତି ।

୫୭ ଶହ ବର୍ଷର ଚୁଇଙ୍ଗମ୍

ଅନେକ ସମୟରେ ଖଣି ଖୋଳା ହେଉ କିମ୍ବା ଅନ୍ୟ କିଛି ଖୋଳାଯାଉଥିବା ବେଳେ ଏଭଳି ଜିନିଷ ବାହାରିଥାଏ ଯାହା ଆଶ୍ଚର୍ଯ୍ୟ ଲାଗିଥାଏ । ଦକ୍ଷିଣ ଡେନ୍‌ମାର୍କରେ ଏକ ପୁରୁଣା ଜାଗାର ଖନନ ସମୟରେ ଏଭଳି ଏକ ପଦାର୍ଥ ମିଳିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଏଠାରେ ଖନନକାରୀଙ୍କୁ ମିଳିଛି ୫୭୦୦ ବର୍ଷ ପୁରୁଣା ଚୁଇଙ୍ଗମ୍ । ତେବେ ଏହି ଚୁଇଙ୍ଗମ୍‌ରୁ ଗବେଷକମାନେ ଜଣେ ମହିଳାର ଡିଏନ୍‌ଏ ମଦ୍ୟ ପାଇଛନ୍ତି । ପ୍ରଥମଞ୍ଚଥର ଏପରି ହୋଇଛି ଯେ ମଣିଷ ହାଡ଼ ଛଡ଼ା ଅନ୍ୟ ଏକ ଜିନିଷରୁ ଜଣେ ମଣିଷଙ୍କର ଜିଏନ୍‌ଏ ବିଷୟରେ ଜଣାପଡ଼ିଛି । ଗବେଷକଙ୍କ ମତ ଅନୁସାରେ ସେହି ଚୁଇଙ୍ଗମ୍ ଯେଉଁ ମହିଳା ଚୋବାଇ ଥିଲେ ତାଙ୍କର କଳା ରଙ୍ଗର ଚୁଟି ଥିବା ବେଳେ ଦେହର ରଙ୍ଗ ମଧ୍ୟ କଳା ଥିଲା । ହେଲେ ମହିଳାଙ୍କର ଆଖି ନୀଳ ରଙ୍ଗର ଥିଲା । ଗବେଷକମାନେ ସେହି ମହିଳାଙ୍କ ନାଁ ଲୋଲା ରଖିଛନ୍ତି । ମହିଳା ଜଣଙ୍କ ଯେଉଁଠି ରହୁଥିଲେ ସେଠା ଲୋକଙ୍କର ମୁଖ୍ୟ କାମଥିଲା ମାଛ ଧରିବା ।

ମାଛ ବର୍ଷା ହେଉଥିବା ଦେଶ

ଆକାଶରୁ ପାଣି ଓ ବେଳେବେଳେ କୁଆପଥର ବରଷୁଥିବାର ଦୃଶ୍ୟ ତ ନିଶ୍ଚିତ ଦେଖିଥିବେ । ହେଲେ ଆକାଶରୁ ମାଛ ବର୍ଷା ହେଉଥିବାର ଦୃଶ୍ୟ କେବେ ଦେଖିଛନ୍ତି କି ? ବିଶ୍ୱରେ ଏମିତି ଏକ ଦେଶ ଅଛି ଯେଉଁଠି ପ୍ରତିବର୍ଷ ମାଛ ବର୍ଷା ହୋଇଥାଏ । ବିଗତ ଶହେ ବର୍ଷ ଧରି ଏଭଳି ଅଦ୍ଭୁତ ଘଟଣା ଏଠାରେ ଦେଖିବାକୁ ମିଳୁଛି । ମେକ୍‌ସିକୋ ନିକଟବର୍ତ୍ତୀ ଦେଶ ହୋଣ୍ଡୁରାସ୍‌ରେ ଏଭଳି ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି । ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଆକାଶରୁ ମାଛ ବର୍ଷା ହେଉଛି । ବର୍ଷରେ ଥରେ ବା ଦୁଇଥର ମଧ୍ୟ ଏଠାରେ ମାଛ ବର୍ଷା ହୋଇଥାଏ । ଏହି ଘଟଣା ପ୍ରତିବର୍ଷ ବସନ୍ତ ଋତୁ ଶେଷ ଆଡ଼କୁ ଅର୍ଥାତ୍ ଗ୍ରୀଷ୍ମ ଋତୁର ଆରମ୍ଭରେ ଦେଖିବାକୁ ମିଳିଥାଏ । ହୋଣ୍ଡୁରାସ୍‌ଠାରୁ ଆଟ୍‌ଲାଣ୍ଟିକ୍ ସାଗରରର ଦୂରତା ପ୍ରାୟ ୨୦୦ କିଲୋମିଟର । ବୈଜ୍ଞାନିକଙ୍କ ମତ ଅନୁଯାୟୀ ଆଟ୍‌ଲାଣ୍ଟିକ୍ ସାଗର ହୋଣ୍ଡୁରାସ୍ ନିକଟବର୍ତ୍ତୀ ହୋଇଥିବାରୁ ଏଠାରେ ମାଛ ବର୍ଷା ହୋଇଥାଏ । ଏଠାକାର ସ୍ଥାନୀୟ ବାସିନ୍ଦା କିନ୍ତୁ ଏହାକୁ ଈଶ୍ୱରଙ୍କ ଚମତ୍କାର ବୋଲି ମାନିଥାନ୍ତି । କୁହାଯାଏ ଊନବିଂଶ ଶତାବ୍ଦୀ ବେଳକୁ ହୋଣ୍ଡୁରାସ୍‌ବାସୀଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୟ ହୋଇପଡ଼ିଥିଲା ।

ଖାଇବାକୁ ନ ପାଇ ଭୋକ ଉପାସରେ ଲୋକେ ମୃତ୍ୟୁମୁଖରେ ପଡୁଥିଲେ । ସେଠାରେ ରହୁଥିବା ଜଣେ ସ୍ୱାନିଶ୍ ପାଦ୍ରୀ ଏସବୁକୁ ସହ୍ୟ କରିପାରିଲେନି । ତିନି ଦିନ, ତିନି ରାତି ଧରି ଏଠାରେ ଗରିବ ଅଭାବୀ ଲୋକଙ୍କ ନିମିତ୍ତ କିଛି ଚମତ୍କାର କରି ଦେଖାଇବା ପାଇଁ ଏବଂ ସେମାନଙ୍କ ନିମନ୍ତେ ଖାଦ୍ୟ ବ୍ୟବସ୍ଥା କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ । ପାଦ୍ରୀଙ୍କ କରୁଣ ପ୍ରାର୍ଥନା ଯୋଗୁ ହୋଣ୍ଡୁରାସ୍‌ରେ ଅଚାନକ ଅନ୍ଧାର ହୋଇଗଲା । ଏହାପରେ ଆକାଶମାର୍ଗରୁ ମାଛ ବର୍ଷା ହେବାକୁ ଲାଗିଲା । ସେବେଠାରୁ ପ୍ରତିବର୍ଷ ଏହି ଚମତ୍କାର ଦେଖିବାକୁ ମିଳୁଛି । ମାଛ ବର୍ଷା ହେବା ପୂର୍ବରୁ ଏଠାରେ ମୂଷଳଧାରାରେ ବର୍ଷା ହେବା ସହିତ ବିଜୁଳି ଘଡ଼ଘଡ଼ି ମଧ୍ୟ ଚମକିଥାଏ । ଏହି ସମୟରେ କେହି ଘରୁ ବାହାରି ପାରନ୍ତି ନାହିଁ । ବର୍ଷା ଥମିଯିବା ପରେ ଲୋକେ ବାଲ୍‌ଟି ଓ ଟୋକେଇ ଧରି ରାସ୍ତାରେ ପଡ଼ିଥିବା ହଜାର ହଜାର ମାଛକୁ ବୋହି ନିଅନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଖରିଫ୍ ଫସଲ ଚିନ୍ତା...

ଶୀତଦିନ ଆଗତପ୍ରାୟ । ଖରିଫ ଫସଲ ମଧ୍ୟ ଅଧିକାଂଶ ରାଜ୍ୟରୁ ଅମଳ ହେବା ଆରମ୍ଭ କରିଛି । ବିଶେଷକରି ପଞ୍ଜାବ, ହରିଆଣା ଓ ଉତ୍ତର ଭାରତର ଅନ୍ୟାନ୍ୟ ରାଜ୍ୟରୁ । ଏହି ସବୁ ରାଜ୍ୟରୁ ଧାନ ଫସଲ ହେବାମାତ୍ରେ ଏବେ ସରକାର ଓ ଜନସାଧାରଣଙ୍କୁ ଚିନ୍ତା ଘାରିଛି ପ୍ରଦୂଷଣକୁ ନେଇ । ଏବେଠାରୁ କ୍ଷେତରେ ପାଳକୁଟା ଜଳାକୁ ନେଇ ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ରାଜ୍ୟମାନଙ୍କରେ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଶୀତଦିନ ଆରମ୍ଭ ହେବାମାତ୍ରେ ଏହା ଉତ୍କଟ ଆକାର ଧାରଣ କରିବ ବୋଲି ଏବେଠାରୁ ଆଶଙ୍କା ବଦ୍ଧମୂଳ ହେବାକୁ ଲାଗିଲାଣି । ଚଳିତବର୍ଷ କ୍ଷେତରେ ଅମଳ ପରବର୍ତ୍ତୀ ପାଳକୁଟା ଜଳାକୁ ରୋକିବା ଲାଗି ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମଦନ ଲୋକୁରଙ୍କ ଅଧକ୍ଷତାରେ ଏକ ଜଣିକିଆ କମିଟି ଗଠନ କରିଛନ୍ତି । ଜଷ୍ଟିସ ଲୋକୁର କମିଟି ପଞ୍ଜାମ, ହରିଆଣା ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏଭଳି ପାଳକୁଟା ଜଳାକୁ ମନିଟର କରିବାର ସହ ଏହାକୁ ରୋକିବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ । ଜଷ୍ଟିସ ଲୋକୁର ନିଜ କାର୍ଯ୍ୟକାଳରେ ସର୍ବୋଚ୍ଚ ନ୍ୟାୟାଳୟରେ 'ଗ୍ରୀନ୍ ବେଞ୍ଚରେ' ଦୁଇବର୍ଷ ଧରି କାର୍ଯ୍ୟକରି ପ୍ରଚୁର ଅଭିଜ୍ଞତାର ଅଧିକାରୀ । ତେଣୁ ଚଳିତ ବର୍ଷ ସେ କ୍ଷେତ ପାଳକୁଟା ପୋଡ଼ା ଦିଗରେ କି ପ୍ରକାର ବାସ୍ତବଧର୍ମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ । ଏହି ଦାୟିତ୍ୱ ସଂପାଦନରେ ଜଷ୍ଟିସ ଲୋକୁରଙ୍କୁ କ୍ୟାଡେଟମାନେ ସହଯୋଗ କରିବେ । ଏହିସବୁ କିଶୋର କ୍ୟାଡେଟମାନେ କ୍ଷେତ୍ର ପରିଦର୍ଶନ କରି କେଉଁ କେଉଁ ସ୍ଥାନରେ କୃଷକମାନେ ଏଭଳି ପାଳକୁଟା ପୋଡୁଛନ୍ତି, ସେଠାରେ ବାସ୍ତବ ସମସ୍ୟା କ'ଣ ଓ ତାହାକୁ କିପରି ଭାବେ ପ୍ରତିହତ କରାଯାଇ ପାରିବ, ସେଥିନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କମିଟି ପ୍ରତି ପନ୍ଦର ଦିନରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବେ । କ୍ଷେତରେ ଅମଳ ପରବର୍ତ୍ତୀ ପାଳକୁଟା ଜଳା ଉତ୍ତର ଭାରତର କୃଷକମାନଙ୍କର ଏକ ଚିନ୍ତାଚରିତ ଅଭ୍ୟାସ । କାରଣ ସେମାନଙ୍କ ପାଇଁ ସେସବୁ ପାଳକୁଟଟା ମୂଲ୍ୟହୀନ । ତେଣୁ ଟଙ୍କା ଖର୍ଚ୍ଚ କରି ତାକୁ କ୍ଷେତରୁ ନହଟାଇ ସେମାନେ ତାହା ସେଇଠାରେ ଜାଳି ଦେଇଥାନ୍ତି । ସେସବୁ ରାଜ୍ୟରେ କୃଷିରେ ଯାନ୍ତ୍ରୀକରଣ ଏହି ସମସ୍ୟାକୁ ଅଧିକ ଉତ୍କଟ କରିଛି । ଅପରପକ୍ଷେ ଦିନକୁ ଦିନ ବୃଦ୍ଧି ପାଉଥିବା ପରିବେଶ ପ୍ରଦୂଷଣ ସହ ଏହି ଧୂଆ ଜାତୀୟ ରାଜଧାନୀ କ୍ଷେତ୍ର ସମେତ ପାର୍ଶ୍ୱବର୍ତ୍ତୀ ରାଜ୍ୟରେ ସ୍ୱାଭାବିକ ଜୀବନଧାରାକୁ ଅତିଷ୍ଠ କରିଛି । ସମସ୍ୟାଟି ହେଲା ପଞ୍ଜାବ ଓ ହରିଆଣାରେ ବ୍ୟାପକ ଭାବେ ଧାନଚାଷ କରାଯାଇଥାଏ ଓ ମେସିନ ସାହାଯ୍ୟରେ ତାହା କଟାଯାଏ । ଚଳିତ ବର୍ଷ ସେ କାର୍ଯ୍ୟ ପ୍ରାୟ ଶେଷ ହେବା ଉପରେ । ମେସିନରେ ଧାନକଟା ଓ ଅମଳ କରାଯିବା ଦ୍ୱାରା କ୍ଷେତରେ ହିଁ ପ୍ରାୟ ୨୫ ନିୟୁତ ଟନ ପାଳକୁଟା ପଡ଼ିରହୁଛି ଯାହାର କି କୌଣସି ମୂଲ୍ୟ ନାହିଁ । ଏଭଳି ପାଳକୁଟାକୁ ହଟାଇବାକୁ ପ୍ରତି ଏକର ପିଛା କୃଷକକୁ ପାଞ୍ଚରୁ ଛଅ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼ିଥାଏ । ତାହା ନକରି ପାଳକୁଟାକୁ ଜାଳିଦେଲେ ମାତ୍ର କେଇଘଣ୍ଟା ଭିତରେ ସମସ୍ୟାଟି ତୁଟିଯାଉଛି । ଧୂଆଁ କିମ୍ବା ପ୍ରଦୂଷଣ କଥା ପ୍ରତି କୃଷକ ଅବା ଧାନଦେବ କାହିଁକି ? ପୁଣି ଧାନ ଅମଳ ଓ ଗହମ ବୁଣା ଭିତରେ ମାତ୍ର ଦୁଇରୁ ତିନି ସପ୍ତାହ ସମୟ ମିଳୁଥିବାରୁ କ୍ଷେତକୁ ହଳ କରି ପ୍ରସ୍ତୁତ କରିବା ଚିନ୍ତା ତାକୁ ଘାରେ । ଏପରିସ୍ଥଳେ ସରକାର ଯେତେ ବିକଳ୍ପ ବ୍ୟବସ୍ଥା କଲେ ସୁଦ୍ଧା ତାହା ବାସ୍ତବ କ୍ଷେତ୍ରରେ ଉପକାରସିଦ୍ଧ ହୋଇପାରୁନାହିଁ । ତେଣୁ ଏବେ ପାଳକୁଟା ଜଳା ଆରମ୍ଭ ହେବା ସହ ରାଜଧାନୀ ଦିଲ୍ଲୀର ପ୍ରଦୂଷଣ ମାତ୍ରା ବଢ଼ିଛି ଓ ବାୟୁରେ ଧୂଳିକଣା ଓ ଧୂଆଁମାତ୍ରା ବଢ଼ିଛି । ଗାଢ଼ ଶୀତଦିନେ ତାହା ଗଣ୍ଡଧୂମ ପଟଳ ଭାବେ ସମଗ୍ର ଦିଲ୍ଲୀ କ୍ଷେତ୍ରକୁ ସପ୍ତାହ ଧରି ଢାଙ୍କି ରଖିବ । ଜନସାଧାରଣଙ୍କ ନିଃଶ୍ୱାସ ପ୍ରଶ୍ୱାସ କ୍ରିୟାକୁ ମଧ୍ୟ ଏହା ଯଥେଷ୍ଟ ପରିମାଣରେ ଆକ୍ରାନ୍ତ କରିଆସୁଛି । ଏହା ଏକ ଗୁରୁତର ସମସ୍ୟା । ଲୋକଙ୍କୁ ସଚେତନ କରାଇ ପାଳକୁଟା ପୋଡ଼ା ବନ୍ଦ କରିବା ସମ୍ଭବପର ନୁହେଁ । କାରଣ ତାହା କୃଷକମାନଙ୍କର ମୁଣ୍ଡରେ ବୋଝ ହେଉଛି । ତେଣୁ ସରକାର ହିଁ ଏହି ପାଳକୁଟାକୁ କୌଣସିମତେ ମୁଣ୍ଡାଇବା ଏହାର ଏକ ସମ୍ଭାବ୍ୟ ଉପାୟ ହୋଇପାରେ । ଗୋଟିଏପଟେ କୃଷି ଉତ୍ପାଦନ ବୃଦ୍ଧି ଦରକାର ବେଳେ ଅନ୍ୟ ପକ୍ଷେ କୃଷିବର୍ଜ୍ୟ ଏବଂ ଦେଶବାସୀଙ୍କ ଉପରେ ବୋଝଭାବେ ଲଦି ହୋଇପଡୁଛି । ତେଣୁ ଏହାର ଏକ ଦୀର୍ଘସ୍ଥାୟୀ ଓ ବାସ୍ତବଧର୍ମୀ ସମାଧାନ ପନ୍ଥା ଯଥାଶୀଘ୍ର ବାହରିବା ବାଞ୍ଛନୟ ।

ପଣତ କାନି...

ଡଃ ମାଙ୍ଗଲିକା ମହାପାତ୍ର

ପଣତ କାନି ମା'ର
ନାହିଁ ତା ପରି ସାହାରା
ଆଉ କାହାର...

ତା'ଠୁ ଲାଗନ୍ତିନି ଆଉ କେହି ନିଜର
ତା ବିନା ସମୟ କଟେନା ଯେ ମୋର
ଶିଶୁ ରୁ... କିଶୋରୀ...

କିଶୋରୀରୁ ସାୟାହ୍ନ ଜୀବନର
କଟିଗଲା ମମତାର ଛାୟା ରେ ତା'ର

ତା ବିନା ଦିଶେ ସବୁ ଅନ୍ଧାର
ସେ ଗାଳି .. ସେ ଆକଟ...
ଲାଗେ ଯେ ଆନନ୍ଦର

ପାଇ ଅନାବିଳ ପ୍ରେମ ତା'ର
ଦୂରେଇ ଯାଇଛି ଯେତେ
ଦୁଃଖ ସନ୍ତାପ ଜୀବନର
ଆଜି ମୁଁ ବୁଝୁଛି...
ମହତ୍ତ୍ୱ ସେ ଆପଣାପଣର

ସେ ଅକପଟ ଭଲ ପାଇବାର
ସେ ସ୍ନେହ ଆଶୀର୍ବାଦ ର
ମେ ମାଡ଼ ଗାଳି ର...
ଯେବେ ମୁଁ ନିଜେ ସାଜିଛି ..ମା'..
ଗୋଟିଏ ନିଷ୍ପାପ କଳିର...

+ ୩୫୩ ପ୍ରଶାନ୍ତି ବିହାର କିଟ୍,
ଭୁବନେଶ୍ୱର

ଗାନ୍ଧୀଙ୍କ ଦେଶରେ ମଦ ପାଲଟିଛି ଆବଶ୍ୟକୀୟ ବସ୍ତୁ

ଗୋପାଳ ମହାପାତ୍ର

ଏଇ କିଛି ଦିନ ତଳେ କୃତଜ୍ଞ ରାଷ୍ଟ୍ର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳନ କରି ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଛି । ମହାତ୍ମା ଗାନ୍ଧୀଙ୍କ ନାମରେ ବିଭିନ୍ନ ରାଜନୈତିକ ଦଳମାନେ ରାଜନୀତି କରିବାର ଇତି ମଧ୍ୟରେ ୭୪ବର୍ଷ ବିତି ଗଲାଣି । ସମସ୍ତେ ଗାନ୍ଧୀଙ୍କ ନାଁ ଧରି ପାର ହେଉଛନ୍ତି କିନ୍ତୁ କେହି ତାଙ୍କ କହିବା କଥାକୁ କାର୍ଯ୍ୟକାରୀ କରୁନାହାଁନ୍ତି । କଥାଟି ହେଉଛି ଗାନ୍ଧୀ ଦେଶରୁ ମଦର ବିଲୋପ କରିବାକୁ ଚାହୁଁଥିଲେ । କିନ୍ତୁ ଯେଉଁ ଦେଶରେ ଗାନ୍ଧୀଙ୍କୁ ରାଷ୍ଟ୍ରପିତା କୁହାଯାଉଛି ସେ ଦେଶର ଅନେକ ରାଜ୍ୟରେ ଏବେ ମଦକୁ ଜରୁରୀ ବା ଆବଶ୍ୟକୀୟ ବସ୍ତୁ ଭାବରେ ସାମିଲ କରିଦିଆଗଲାଣି । ଲକ୍ ଡାଉନ୍ ସମୟରେ ଯେତେବେଳେ ଖାଦ୍ୟ ସାମଗ୍ରୀର ଦୋକାନ ସବୁ ଖୋଲାଯିବା ପାଇଁ ଅନୁମତି ଦିଆଗଲା ସେତେବେଳେ ମଧ୍ୟ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଥିଲା ଓ ମଦ ଦୋକାନଗୁଡ଼ିକରେ ଲୋକଙ୍କର ଲମ୍ବା ଧାଡ଼ି ମଧ୍ୟ ଦେଖିବାକୁ ମିଳିଥିଲା । ଦେଶରେ ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ସରକାରୀ ସ୍ତରରେ ପାଳନ କରାଯାଇଛି । ବର୍ଷ ବ୍ୟାପି ଏହି ଜୟନ୍ତୀ ପାଳନ କରାଯାଇଥିଲା । ଭାରତ ସରକାରଙ୍କ ପ୍ରୟାସ ଯୋଗୁଁ ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ତେନେ କହିୟେ' ପାଖାପାଖି ୪୦ଟି ଦେଶରେ ବାଜୁଥିଲା । ବିଶ୍ୱର ଅନେକ ଦେଶରେ ଗାନ୍ଧୀଙ୍କର ପ୍ରତିମୂର୍ତ୍ତୀ ମଧ୍ୟ ନିର୍ମାଣ କରାଯାଇଛି ଓ ଗାନ୍ଧୀ ସଂଗ୍ରହାଳୟ ମଧ୍ୟ ସ୍ଥାପନ କରାଯାଇଛି । କିନ୍ତୁ ଲାଗୁଛି ଯେମିତି ଗାନ୍ଧୀଙ୍କ ସିଦ୍ଧାନ୍ତକୁ ଏମିତି ଜାଗାରେ ରଖିଦିଆଯାଇଛି ଯେମିତି ତାକୁ ନୂଆ ପିଢ଼ୀ ଦେଖି ପାରିବେ ନାହିଁ ।

ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ତେନେ କହିୟେ' ବାସ୍ତବରେ ଭାରତୀୟ ସଂସ୍କୃତିର ପ୍ରକୃତ ଅନୁସରଣ ଓ ଅନୁବାଦ ଥିଲା । ଆମର ପ୍ରାଚୀନ ଗ୍ରନ୍ଥମାନଙ୍କରେ ମଧ୍ୟ କୁହାଯାଇଛି ଯେ ଅନ୍ୟର ପୀଡା ବା ଦୁଃଖ ବାବଦରେ ଜାଣି ତାର ସେ ଦୁଃଖ ଦୂର କରିବା ଠାରୁ ବଡ଼ ଧର୍ମ ଆଉ କିଛି ନାହିଁ । ଗାନ୍ଧୀ ସ୍ୱାଧିନତା ଆନ୍ଦୋଳନ ସମୟରେ ମଧ୍ୟ ମଦ ଦୋକାନ ଆଗରେ ଧାରଣା ପ୍ରଦର୍ଶନ କରୁଥିଲେ ଓ ମଦ ଦୋକାନ ବନ୍ଦ କରିବା ପାଇଁ ଦାବି କରୁଥିଲେ । ଗାନ୍ଧୀ ତାଙ୍କ ଅନୁଗାମୀ ବା ସ୍ୱାଧିନତା ସଂଗ୍ରାମରେ ତାଙ୍କ ସହଯୋଗୀ ଥିବା ଲୋକମାନଙ୍କୁ ସବୁବେଳେ କହୁଥିଲେ ଯେ ଭାରତ ବର୍ଷ ପଛୁଆ ରହିବା ଓ ଗରୀବ ହେବା କଥାକୁ ସେ ସହ୍ୟ କରିବେ କିନ୍ତୁ ଦେଶର ଲକ୍ଷ ଲକ୍ଷ ଲୋକ ମଦୁଆ ହେବା କଥାକୁ ସେ ସହ୍ୟ କରିପାରିବେ ନାହିଁ । ତାଙ୍କ ବିଶ୍ୱାସ ଥିଲା ଯେ ଯଦି ଦେଶରେ ମଦ ବନ୍ଦ କରାନଯିବ ତେବେ ଆମ ସ୍ୱାଧିନତା ଗୋଲାମି ହୋଇରହିଯିବ । କାରଣ ଯେଉଁଠି ମଦ ସେଇଠି ଲକ୍ଷ ଲକ୍ଷ ମହିଳା ନିର୍ଯ୍ୟାତିତ ହେବେ । ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେବ, ପାରିବାରିକ କଳହ ବଢ଼ିବ ଏବଂ ଅପରାଧ ମଧ୍ୟ ବଢ଼ିବ । ଗାନ୍ଧୀଙ୍କର ଏହି ବିଗ୍ରହକୁ ସ୍ୱାଧିନତା ସଂଗ୍ରାମର ଅନ୍ୟ ସୂତ୍ରଧରମାନେ ମଧ୍ୟ ସମର୍ଥନ କରୁଥିଲେ । ମହାମନା ବାଲ ଗଙ୍ଗାଧର ତିଳକ ମଦ ପିଉଥିବା ଏବଂ ମଦ ପିଆଉଥିବା ସରକାରକୁ ବହିଷ୍କାର କରିବା ଉଚିତ୍ ବୋଲି କହିଥିଲେ । ଧର୍ମଗ୍ରନ୍ଥମାନଙ୍କରେ ମଧ୍ୟ ମଦ ପ୍ରସଙ୍ଗରେ ଅନେକ ନକାରାତ୍ମକ ଟିପ୍ପଣୀ ରହିଛି । ମଦ ସମ୍ବନ୍ଧରେ ଧର୍ମଗ୍ରନ୍ଥ, ମହାପୁରୁଷଙ୍କ ବାଣୀ ପ୍ରସଙ୍ଗରେ ଉଲ୍ଲେଖ କରିବା ଅପେକ୍ଷା ଆମ ଦେଶର ନେତାମାନଙ୍କୁ ପ୍ରଶ୍ନ କରିବା ଅଧିକ ଉଚିତ୍ ମନେହେଉଛି । ପ୍ରଶ୍ନ ହେଉଛି ପ୍ରକୃତରେ ଆମ ନେତାମାନେ ମହାତ୍ମାଗାନ୍ଧୀଙ୍କୁ ଭଲ ପାଆନ୍ତି ସମ୍ମାନ ଦିଅନ୍ତି ? ଯେଉଁ ବ୍ୟକ୍ତିଙ୍କର ଆଦର୍ଶ ପାଳନ କରିବାକୁ ନେତା ଓ ସରକାର କୁଣ୍ଠିତ ତାଙ୍କ ଜନ୍ମଦିନ କାହିଁକି ଆଡ଼ମ୍ବରରେ ପାଳନ କରୁଛନ୍ତି । ଏହା ପଛର ଯୁକ୍ତି କ'ଣ ? ଲୋକଙ୍କ ଟିକସ ବାବଦ ଅର୍ଥ ଖର୍ଚ୍ଚ କରାଯାଉଛି କାହିଁକି ? କ'ଣ ସରକାର ଗାନ୍ଧୀଙ୍କ ଆଦର୍ଶ ଓ ଚିନ୍ତାଧାରାକୁ ଲାଗୁ କରାଇବାର ସାହାସ ଜୁଟାଇ ପାରୁନାହାଁନ୍ତି ?

ଭଗବାନ ବୁଦ୍ଧ ଉପଦେଶ ଛଳରେ କହିଥିଲେ ଯେ ଯେଉଁ ରାଜା ସୁରା (ମଦ)କୁ ସମ୍ମାନ ଦେବ ସେ ରାଜ୍ୟର ଶିଘ୍ର ପତନ ହୋଇଯିବ । ଗାନ୍ଧୀଙ୍କ ଆଦର୍ଶକୁ ପାଳନ ନକରି ଗାନ୍ଧୀଙ୍କ ପ୍ରତି ଯେଉଁ ଅସମ୍ମାନ ପ୍ରଦର୍ଶନ କରାଯାଉଛି ସେଥିପାଇଁ ତାଙ୍କ ଆତ୍ମା ଦୁଃଖ ପାଉଥିବ ନିଶ୍ଚୟ । ଏକଥା କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ବୁଝିବା ଉଚିତ୍ । ମହାତ୍ମାଗାନ୍ଧୀ କହୁଥିଲେ ଦେଶ ସ୍ୱାଧିନ ହେବା ପରେ ଦେଶରେ ମଦ ବନ୍ଦ କରିଦିଆଯିବ ଏବଂ ଗୋ-ହତ୍ୟା ବନ୍ଦ କରାଯିବ । ସେଇ ଗାନ୍ଧୀଙ୍କ ଦେଶରେ ଗାନ୍ଧୀଙ୍କ ଫଟୋ ଥିବା ନୋଟ (ଟଙ୍କା) ନେଇ ମଦ କିଣାଯାଉଛି ଓ ବିକ୍ରୀ କରାଯାଉଛି । ଏ ପ୍ରସଙ୍ଗରେ ଭାବିଲେ ମନେ ହେଉଛି ସତେ ଯେପରି ମଦ ମାଫିଆମାନେ ସରକାର ଚଳାଉଛନ୍ତି । ଏମାନଙ୍କ ନୋଟ୍ ଆଉ ମଦ ବୋତଲ ବଳରେ ନିର୍ବାଚନ ଲଢ଼ା ଯାଉଛି । ନିର୍ବାଚନବେଳେ ଲୋକଙ୍କୁ ମଦ ବଣ୍ଟା ଯାଉଛି । ଏସବୁ ଚାଲିଛି ଓ ଗାନ୍ଧୀଙ୍କୁ ଶ୍ରଦ୍ଧାଳୀ ମଧ୍ୟ ଦିଆଯାଉଛି । ଆମେ ଭାରତୀୟମାନେ ଆତ୍ମାର ଅସ୍ତିତ୍ୱ ଅଛି ବୋଲି ବିଶ୍ୱାସ କରୁଛେ । ଏଣୁ ନିଶ୍ଚିତ ଭାବେ ଗାନ୍ଧୀଙ୍କ ଆତ୍ମା ଏସବୁ କାରଣରୁ କଷ୍ଟ ପାଉଥିବ । ଆଉ ଏକ କଥା ହେଉଛି ଯେଉଁ ଗାନ୍ଧୀ ଗୋ-ହତ୍ୟା ବନ୍ଦ ହେବା କଥା କହୁଥିଲେ ସେଇ ଗାନ୍ଧୀଙ୍କ ଦେଶ ଭାରତ ବର୍ଷ ହେଉଛି ବିଦେଶକୁ ସର୍ବାଧିକ ଗୋ-ମାଂସ ରପ୍ତାନୀ କରୁଥିବା ଦେଶ । ବିଶ୍ୱର ବିଭିନ୍ନ ଦେଶକୁ ରପ୍ତାନୀ ହେଉଥିବା ଗୋ-ମାଂସ ମଧ୍ୟରୁ ୫୮ ପ୍ରତିଶତ ଭାରତରୁ ରପ୍ତାନୀ ହୋଇଥାଏ । ଏ ଏକ ବିଚିତ୍ର ବ୍ୟବସ୍ଥା ନୁହେଁ କି ? ମାଂସହାର କମିଯାଇପାରିଲେ ମଦ ପିଇବା ଲୋକଙ୍କ ସଂଖ୍ୟା କମିପାରିଲେ ଏପରିକି ନିର୍ବାଚନରେ ମଦ ପିଆଉଥିବା ଓ ମଦ ପିଉଥିବା ଲୋକଙ୍କୁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରାଯାଇପାରିଲେ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ନିଶ୍ଚୟ ଏବଂ ତାଙ୍କ ଆତ୍ମା ପ୍ରସନ୍ନ ହେବ ।

ବିଶ୍ୱର ସର୍ବଶ୍ରେଷ୍ଠ ବିଦ୍ୱାନ୍ ଡ଼ଃ. ରବର୍ଟ ପିୟରସନ କହିଥିଲେ ଯୁଦ୍ଧ, ଅକାଳ, ବଢ଼ି, ମହାମାରୀ ଏବଂ ଭୂକମ୍ପ କେବେ କେବେ ଘଟିଥାଏ ଓ ପ୍ରାଣହାନୀ ହୋଇଥାଏ କିନ୍ତୁ ମଦ୍ୟପାନ କରି ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ । ମୁନସୀ ପ୍ରେମଚାନ୍ଦ ମଧ୍ୟ କହିଥିଲେ ଯେ ମଦ ବ୍ୟବସାୟ କରୁଥିବା ଲୋକେ ସାଧାରଣ ଲୋକ (ମଦ୍ୟପ)ଙ୍କର ରକ୍ତ ପିଉଥିବା ଜୋକ ସଦୃଶ । ଏବେ ତ ସରକାର ତ ଏହି କାମ କରୁଛନ୍ତି । ତେବେ କ'ଣ ନାମ ଦିଆଯାଇ ପାରିବ ? ଗାନ୍ଧୀ ଜୟନ୍ତୀରେ ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ତେନେ କହିୟେ ଜୋ ପିର ପରାଇ ଜାନେ ରେ' ବୋଲାଯାଉଛି । କିନ୍ତୁ ପ୍ରଶ୍ନ ଉଠୁଛି 'ପିର ପରାଇ' ଜାଣୁଥିବା କେତେ ଜଣ ନେତା ଏ ଦେଶରେ ଅଛନ୍ତି । ଯଦି ପିର ପରାଇ କଥା ନେତାମାନେ (ସରକାର) ବୁଝୁଥାନ୍ତେ ତେବେ ଦେଶର ଅଧା ରୁ ଅଧିକ ଲୋକ ବିଶୁଦ୍ଧ ପାଣି ପିଇବାରୁ ବଞ୍ଚିତ ହୋଇନଥାନ୍ତେ ନିଶ୍ଚୟ । ସରକାରୀ ତଥ୍ୟ କହୁଛି ଦେଶର ୨୦କୋଟି ଲୋକ ରାତିରେ ନଖାଇ (ଖାଇବାକୁ ନପାଇ) ଶୋଇଥାନ୍ତି । ପ୍ରଦୂଷଣ କାରଣରୁ ବିଭିନ୍ନ ପ୍ରକାରର ରୋଗ ବ୍ୟାପୁଛି । କୁପୋଷଣ କାରଣରୁ ଅନେକ ଶିଶୁଙ୍କର ଅକାଳରେ ମୃତ୍ୟୁ ଘଟୁଛି । ବିଚରା ଗାନ୍ଧୀ ! ତାଙ୍କ ଭଜନର 'ପିର ପରାଇ' କଥାକୁ ଏ ଦେଶର ଶାସକ ପ୍ରଶାସକ କେହି ବୁଝୁନାହାଁନ୍ତି । ଜନୈକ ବୃଦ୍ଧାଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ଦେଖି ନିଜେ ଘୋଡ଼େଇ ହୋଇ ଥିବା ଚାଦରଟିକୁ ଗାନ୍ଧୀ ବୃଦ୍ଧାଙ୍କୁ ଦେଇଦେଇଥିଲେ । ଗାନ୍ଧୀଙ୍କ ସେ କଥାକୁ କିଏ ମନେ ରଖିଛି ? ଦେଶରେ ଏବେବି ଅନେକ ବସ୍ତ୍ର ହୀନ, ବାସ ହୀନ ଓ ଭୂମିହୀନ ଲୋକ ଅଛନ୍ତି ହେଲେ ତାଙ୍କ କଥା ବୁଝିବାକୁ କାହାକୁ ବେଳ ନାହିଁ ।

ଏକ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ସାରା ବିଶ୍ୱରେ ୩୦ଲକ୍ଷ କୋଟି ଟଙ୍କାର ନିଶାଦ୍ରବ୍ୟର କାରବାର ହୋଇଥାଏ । ଆମ ଦେଶର ୨୦ପ୍ରତିଶତ ଲୋକ ମଦ୍ୟପାନ କରିଥାନ୍ତି ଅଥବା ଅନ୍ୟ ନିଶାଦ୍ରବ୍ୟ ସେବନ କରିଥାନ୍ତି । ଦେଶର ଯୁବକ ଓ ଯୁବତୀମାନେ ମଧ୍ୟ ନିଶା ସେବନ କରୁଥିବାର ଜଣାପଡ଼ିଛି । ମୁମ୍ବାଇର ଗ୍ଲେମର ଦୁନିଆ ର ଲୋକେ ନିଶା ବ୍ୟବସାୟ କରୁଥିବାର ଅଭିଯୋଗ ହେବାପରେ ଏବେ ଏହାର ତଦନ୍ତ ଆରମ୍ଭ ହୋଇଛି । ଏସବୁରୁ ସ୍ପଷ୍ଟ ଯେ ଗାନ୍ଧୀଙ୍କ ଦେଶ ଏବେ ନିଶାଦ୍ରବ୍ୟର ଦେଶରେ ପରିଣତ ହେବାକୁ ଯାଉଛି । ଏହା ଏକ ଦୁଃଖଦ ଘଟଣା । ଏଣୁ ଗାନ୍ଧିଜୀଙ୍କ କଥା କହୁଥିବା ଓ ଗାନ୍ଧିଜୀଙ୍କୁ ଆଦର୍ଶ ବୋଲି ମାନୁଥିବା ଲୋକେ ନିଶାଦ୍ରବ୍ୟ ଓ ଏହାର କାରବାରକୁ ରୋକିବା ଦିଗରେ ପଦକ୍ଷେପ ନେଲେ ଗାନ୍ଧୀଙ୍କ ଆତ୍ମାକୁ ଶାନ୍ତି ମିଳନ୍ତା ଓ ତାହା ହୁଅନ୍ତା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ।

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ରାଜନୈତିକ ଚକ୍ରବ୍ୟୁହରେ ଗଣମାଧ୍ୟମ

ସୀତାରାମ ପାତ୍ର

ବର୍ତ୍ତମାନ ଗଣମାଧ୍ୟମ ରାଜନେତାଙ୍କ ଆକ୍ରୋଶର ଶିକାର ହେବାରେ ଲାଗିଛି । ଶାସନ ଗାଦିରେ ଥିବା ରାଜନେତାମାନେ ଗଣମାଧ୍ୟମର କଣ୍ଠରୋଧ କରି ସେମାନଙ୍କର ଦୋଷ, ତ୍ରୁଟିକୁ ଚାପି ଦେବା ପାଇଁ ଉଦ୍ୟମ କରି ଚାଲିଛନ୍ତି । ଯାହା ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରୀକ ରାଷ୍ଟ୍ରପାଇଁ ଶୁଭଙ୍କର ନୁହେଁ । Freedom of press is only an extention of the citizen's right to freedom of speech and expression. They are (Press) the eyes & ears of the people everywhere. ଗଣମାଧ୍ୟମ ସାଧାରଣ ଲୋକଙ୍କର ସ୍ୱର । ଗଣମାଧ୍ୟମ ଜନତା ଓ ସରକାରଙ୍କ ମଧ୍ୟରେ ଏକ ସେତୁ ସଦୃଶ । ସାଧାରଣ ଲୋକ ଯାହା କହିପାରନ୍ତି ନାହିଁ, ଗଣମାଧ୍ୟମ ତାହା କହିଥାଏ । ଗଣମାଧ୍ୟମର କଣ୍ଠରୋଧର ଅର୍ଥ ହେଲା ଲୋକଙ୍କର ବାକ୍-ସ୍ୱାଧୀନତା ଉପରେ ହସ୍ତକ୍ଷେପ, ଯାହା ବର୍ମାନ ଦେଖିବାକୁ ମିଳୁଛି । ବିଶେଷକରି ରାଜନେତାମାନଙ୍କର ଆକ୍ରୋଶର ଶୀକାର ହେଉଛି ଗଣମାଧ୍ୟମ । ଓଡ଼ିଶାରେ ଓଟିଭି ହେଉ କିମ୍ବା ମହାରାଷ୍ଟ୍ରରେ ରିପବ୍ଲିକ୍ ଭାରତ ହେଉ । ଦେଶରେ ଗଣମାଧ୍ୟମ ଉପରେ ରାନୈତିକ ଆକ୍ରମଣ, ଗଣମାଧ୍ୟମର କଣ୍

ବୋକାରୋ ଓଡ଼ିଆ ସମାଜ

ଭୁବନାନନ୍ଦ ତ୍ରିପାଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ....)

ଏଥର ମିଟିଂରେ ଉତ୍ସାହର ପ୍ରଥମ ଝଲକ ଦେଖାଗଲା ମିଟିଂରେ ୧୪ଜଣ ସଦସ୍ୟଙ୍କ ଭିତରୁ ୧୦ଜଣ ଉତ୍ସାହଭରା ରିପୋର୍ଟ ଶୁଣାଇଲେ । ସେ ୧୦ଜଣ ମୋଟ ୫୦ ଜଣଙ୍କର ସଦସ୍ୟ ଚାନ୍ଦା ଏବଂ ପୂଜା ଚାନ୍ଦା କାଟି ସାରିଥିଲେ ଏବଂ ଆସନ୍ତା ମିଟିଂ ବେଳକୁ ସେକ୍ଟରର ଅନ୍ୟ ସଦସ୍ୟ ମାନଙ୍କ ପାଖରୁ ଚାନ୍ଦା ଆଣିପାରିବେ ବୋଲି ଭରସା ଦେଲେ । ସେମାନଙ୍କ କଥାଶୁଣି ୪ଜଣଙ୍କ ନିରାଶାଭାବ ଦୂର ହୋଇଗଲା । ସେଦିନ ଆଉ କିଛି ପତ୍ରକ ଏବଂ ରସିଦ୍ ବହି ବଣ୍ଟାଗଲା ଏବଂ କୋଷାଧକ୍ଷଙ୍କ ହାତରେ ଜମା ହେଲା ୨୦୦୦ଟଙ୍କା । ଜଣପିଛା ୨୦ଟା ବାର୍ଷିକ ଦେୟ ଏବଂ ୨୦ଟା ପୂଜାଚାନ୍ଦା ଆଦାୟ ହେଉଥିଲା ।

ସେ ବର୍ଷର ସରସ୍ୱତୀ ପୂଜା ମଧ୍ୟ ବେଶ୍ ଧୂମ୍‌ଧାମ୍‌ରେ ପାଳିତ ହେଲା । ନୂଆହୋଇ ଜଏନ୍ କରିଥିବା ଓଡ଼ିଆ ଇଂଜିନିୟର ମାନେ ରାତି ଅନିଦ୍ରା ହୋଇ ମେଜ ସଜାଇଥିଲେ, ପାଖରେ ଥିବା ଓଡ଼ିଆଭାଇଙ୍କ ଘରେ ପୂଜା ପାଇଁ ଷ୍ଟୋର କରାଯାଇଥିଲା । ପୂଜା ଦିନ ସଂଧ୍ୟାବେଳେ ଉପସ୍ଥିତି ମଧ୍ୟ ଦେଖିବାଭଳି ହୋଇଥିଲା । ପରବର୍ତ୍ତୀ କମିଟି ମିଟିଂରେ ପୂଜା ହିସାବ ବେଳେ ଜଣା ପଡିଲା ଚାନ୍ଦା ମିଳିଛି ୬୨୦୦ଟଙ୍କା ଏବଂ ଖର୍ଚ୍ଚ ହୋଇଛି ୫୪୦୦ଟଙ୍କା । ସେ ବର୍ଷ ପାଠାଗାରର ସଦସ୍ୟତା ଗ୍ରହଣ କରିଥିଲେ ୨୯୬ଜଣ । ପୂବରୁ ଏପରି ଘରଘର ବୁଲି ପତ୍ରକ ବାଣ୍ଟି ସଦସ୍ୟତା ସଂଗ୍ରହ କରିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ନୂଆ ଅନୁଭବ ଥିଲା ।

ପରବର୍ତ୍ତୀ କାର୍ଯ୍ୟ ହେଲା ପାଠାଗାର ପାଇଁ ଗୋଟିଏ କାର୍ଯ୍ୟାଳୟ ଯୋଗାଡ । ଉତ୍କଳ ପାଠାଗାର ୨୫ବର୍ଷର ପୁରୁଣା ଅନୁଷ୍ଠାନ ହୋଇଥିଲେ ସୁଦ୍ଧା ସେ ପର୍ଯ୍ୟନ୍ତ କମ୍ପାନୀ କଲୋନୀ ଭିତରେ ଏହାର ନିଜର ବୋଲି ଘର ନଥାଏ । ଭଡାରେ ନେବାପାଇଁ ପ୍ରାଇଭେଟ ଘର ମିଳୁନଥାଏ । ଏଥିପାଇଁ ମନକୁ ଗୋଟିଏ ଆଇଡିଆ ଆସିଲା ଏବଂ ତାହା ବନ୍ଧୁମାନଙ୍କ ଜଣାଇଲି । ପୂଜା ସମୟରେ ସେକ୍ଟର-୩ରେ ରହୁଥିବା ଓଡ଼ିଆ ଭାଇମାନଙ୍କ ସହିତ ଘନିଷ୍ଠତା ବଢି ଯାଇଥାଏ । ସେମାନେ ସାତଜଣ ଓଡ଼ିଆ ଗୋଟିଏ ଧାଡିରେ ସାତଟି କ୍ୱାର୍ଟର ନେଇ ରହୁଥାନ୍ତି । ଏମାନେ ସମସ୍ତେ କର୍ମଚାରୀ ବର୍ଗର ଏବଂ ପ୍ରାୟ ଏକୁଟିଆ ରହୁଥାନ୍ତି । ସେଠାରେ ଜଣକ କ୍ୱାର୍ଟରରେ ସମସ୍ତେ ବସି ସଂଧ୍ୟାବେଳେ ତାସ ଖେଳ କରନ୍ତି । ପାଠାଗାରର ପୂଜା ସାମଗ୍ରୀ ଘଣ୍ଟା, ଥାଳି, ଦୀପ ଆଦି ଗୋଟିଏ ବାକ୍ସରେ ପୁରାଇ ସେହି ଘରେ ରଖାଯାଏ । ମୁଁ ସେହି ଘରଟିକୁ ଲକ୍ଷ୍ୟ କରି କହିଲି ଆପଣଙ୍କ କ୍ୱାର୍ଟରରେ ପାଠାଗାର କାର୍ଯ୍ୟାଳୟ କରିବା । ତା ଅର୍ଥ ଏଠାରେ ପାଠାଗାରର ଯେଉଁ ୨ଟି କାଠ ଆଲମାରୀ ଏବଂ ଚାରିଶହ ପୁରୁଣା ବହି ଅଛି ସେତକ ରଖାଯିବ । ବାହାରେ "ଉତ୍କଳ ପାଠାଗାର ସଂପର୍କ କେନ୍ଦ୍ର' ବୋଲି ଗୋଟିଏ ବୋର୍ଡ ଲାଗିବ ।

ପାଠାଗାର ତରଫରୁ ଗୋଟିଏ ଦରି ଯୋଗାଇ ଦିଆଯିବ ଏବଂ ଦୈନିକ ସମାଜ ଡାକରେ ମଗାଇ ଦେବାକୁ ପ୍ରସ୍ତାବ ଦେଇଥିଲି । ମୋ ପ୍ରସ୍ତାବରେ ସେମାନଙ୍କର ଅସୁବିଧା ବଦଳରେ ସୁବିଧା ହେଉଥିଲା । ଦରିରେ ବସି ତାସ୍ ଖେଳ ଏବଂ ଓଡ଼ିଆ ଖବରକାଗଜ ନିୟମିତ ପଢିବାକୁ ପାଇବେ । ଅନେକ ବର୍ଷ ପର୍ଯ୍ୟନ୍ତ କ୍ୱାର୍ଟରଟି ପାଠାଗାର ପାଇଁ ସଂପର୍କ କେନ୍ଦ୍ର ହୋଇ ରହିଥିଲା ।

ପାଠାଗାରର ପରବର୍ତ୍ତୀ କାର୍ଯ୍ୟ ଥିଲା "ଓଡ଼ିଆ ସିନେମା ସୋ" । ସେବର୍ଷ ରସିଆନ କଲୋନୀ ହଲ୍‌ରେ ସିନେମା ସୋ ଆୟୋଜିତ ହେଲା । କଟକରୁ ଆଣିବା ପାଇଁ ଗୋଟିଏ ନୂଆ ସିନେମାର ଅର୍ଡର ଦିଆଗଲା । ଜଣପିଛା ଟିକେଟର ଦାମ ରଖାଗଲା ୧୦ଟଙ୍କା । ସକାଳ ୧୦ରେ ଆରମ୍ଭ ହୋଇ ସିନେମା ଶେଷ ହେଲା ଗୋଟାଏ ବେଳେ । ସମସ୍ତେ କୁହାକୁହି ହେଲେ ଏଥର ସିନେମା ହଲ୍‌ରେ ସିନେମା ଦେଖିବା ଭଳି ଲାଗିଲା । ପୂର୍ବ ବର୍ଷ ମାନଙ୍କରେ ରିଲ୍ ଛିଣ୍ଡିବା, ମେସିନ୍ ଖରାପ ହେବା, କ୍ୟାସେଟ୍ ଡେରିରେ ପହଞ୍ଚିବା କାରଣରୁ ସୋ ଦଶଟାବେଳେ ଆରମ୍ଭ ହୋଇ ଶେଷ ହୁଏ ପ୍ରାୟ ୩-୪ଟା ବେଳକୁ । ଦର୍ଶକମାନେ ଫେରିବାବେଳେ ପ୍ରଶଂସା ବଦଳରେ ନିନ୍ଦା କରିଥାଆନ୍ତି ।

ଡିସେମ୍ବର ମାସରେ ପାଠାଗାରର ପିକ୍‌ନିକ୍ ମଧ୍ୟ ବେଶ୍ ହସଖୁସିରେ ହୋଇଗଲା । ସେବର୍ଷରେ ଉତ୍କଳ ଦିବସ ଦିନ ପାଠାଗାରର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ହୋଇଥିଲେ ଷ୍ଟିଲ ପ୍ଲାଣ୍ଟର ମୁଖ୍ୟ ଶ୍ରୀ ନାୟାର । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ମନମୁଗ୍ଧକର ହୋଇଥିଲା ଯାହାସବୁ ସ୍ଥାନୀୟ ଓଡ଼ିଆ କଳାକାରମାନେ ପ୍ରଦର୍ଶନ କରିଥିଲେ ।

ବର୍ଷ ଶେଷରେ ଆୟୋଜିତ ହେଲା ପାଠାଗାରର ସାଧାରଣ ସଭା । ଏ ସଭାଟି ଅନୁଷ୍ଠିତ ହେଲା ସ୍ଥାନୀୟ ସେଣ୍ଟ୍ରାଲ ସ୍କୁଲ ହଲ୍‌ରେ । ବିଧି ମୁତାବକ ସଭାର ଲିଖିତ ସୂଚନା ବଣ୍ଟାଗଲା । ସମସ୍ତେ ରେଜିଷ୍ଟରରେ ନାଁ ଦସ୍ତଖତ କରି ସଭାରେ ଭାଗନେଲେ । ମଞ୍ଚରେ ବସିଲେ ସଭାପତି, ସଂପାଦକ ଏବଂ ହଲ୍‌ରେ ସଦସ୍ୟଗଣ ବସି ସଭାକାର୍ଯ୍ୟ ସୁରୁଖୁରୁରେ ଶେଷ ହେଲା । ଉପସ୍ଥିତ ୭୦ଜଣ ସଦସ୍ୟଙ୍କୁ ପାଠାଗାରର ଆୟବ୍ୟୟ ହିସାବ ଶୁଣାଇ ଦିଆଗଲା । ସେବର୍ଷ ଆକାଉଣ୍ଟରେ ବଳକା ଥିଲା ୬୦୦୦ଟଙ୍କା ।

ଦ୍ୱିତୀୟ ବର୍ଷ କାର୍ଯ୍ୟକାରିଣୀରେ ସଭାପତି ବଦଳିଲେ ମାତ୍ର ସଂପାଦକ ଭାବେ ମୋତେ ରଖାଗଲା । ଏବର୍ଷର ନୂତନ ପଦକ୍ଷେପ ଥିଲା ପାଠାଗାର ତରଫରୁ ଗୋଟିଏ ଲଟେରୀ ଉଠାଣ । ୫ଟଙ୍କିଆ ରସିଦ, ୨୦ଟି ଲେଖାଁଏ ଗୋଟିଏ ବହିରେ ରଖି ମୋଟ ୫୦ଟି ବହି ସଦସ୍ୟମାନଙ୍କୁ ଦିଆଯାଇଥିଲା । ସମ୍ଭାବିତ ରାଶିର ୫୦% ପୁରସ୍କାର ଭାବେ ଘୋଷଣା କରାଯାଇଥିଲା । ଏହାଦ୍ୱାରା ଧନ ସଂଗ୍ରହ ଅଧିକ ନହେଲେ ସୁଦ୍ଧା ଆମ କାର୍ଯ୍ୟକର୍ତ୍ତାମାନେ ପାଠାଗାର କାମରେ ସକ୍ରିୟ ହୋଇପାରିଲେ ଏବଂ ପାଠାଗାରର ନାଁ ସହର ଭିତରେ ପ୍ରଚାରିତ ହେଲା । ସେହିବର୍ଷ ଯୁବକର୍ମୀ ଶ୍ରୀ ମହାନ୍ତି ବୋକାରୋ ଓଡ଼ିଆ ସମାଜର ଗୋଟିଏ ଡାଇରେକ୍ଟୋରୀ ଛାପି ଆଣିଥିଲେ ।

ବର୍ଷ ଶେଷରେ ପାଠାଗାରର ବାର୍ଷିକ ସଭା ହେଲା ସେକ୍ଟର-୬ କମ୍ୟୁନିଟି ସେଣ୍ଟରରେ । ସଭା ଚାଲିଲା ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଏବଂ ୫ଟଙ୍କା ଶୁଳ୍କ ସଂଗ୍ରହ କରି ମଧ୍ୟାହ୍ନ ଭୋଜନ ରଖାଯାଇଥିଲା । ସେଦିନ ସଭାରେ ଉପସ୍ଥିତ ପ୍ରାୟ ୧୨୦ଜଣ ସଦସ୍ୟ ମାଇକ୍ ପାଖକୁ ଆସି ନିଜ ନିଜର ମତ ପ୍ରକାଶ କରିଥିଲେ । ଅଧିକାଂଶ ଗୋଟିଏ ପ୍ରସ୍ତାବ ଦେଉଥିଲେ, ତା ହେଲା ବୋକାରୋ ସହରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା । ଆଲୋଚନା ପରେ ଜଗନ୍ନାଥ ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଗଠନ କରାଯିବ; ତା ହେବ ଜଗନ୍ନାଥ ସେବା ସମିତି । ସେଦିନ ଭାତ, ଡାଲମା ଭୋଜି ଶେଷ ହେବାପରେ ସଦସ୍ୟମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ନିଜ ନିଜ ଘରକୁ ଫେରିଥିଲେ ।

ଠାକୁରଙ୍କ କୃପାରୁ "ଜଗନ୍ନାଥ ସେବା ସମିତି" ନାଁରେ ଗୋଟିଏ ସୋସାଇଟିର ରେଜିଷ୍ଟ୍ରେସନ୍ ହୋଇଗଲା । ପରେ ଏହା ଟ୍ରଷ୍ଟରେ ପରିଣତ ହୋଇଛି । ପାଠାଗାର କାମ ପୂର୍ବାପେକ୍ଷା ଅଧିକ ଉତ୍ସାହରେ ଚାଲୁ ରହିଲା । ସମିତି ତରଫରୁ ମନ୍ଦିର ପାଇଁ ଗୋଟିଏ ଯାଗା ଆବଣ୍ଟନ ନିମନ୍ତେ କମ୍ପାନୀ ପାଖରେ ଦରଖାସ୍ତ ଦିଆଗଲା । ସଂଯୋଗକୁ ସହର ଭିତରେ ଭଲ ଯାଗାଟିଏ ମିଳିଗଲା, ଯାହାପାଖରେ ଗୋଟିଏ ପୁରୁଣା ପୋଖରୀ ଥିଲା । ସେହି ସମୟରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ଲାଗ୍ ଲାଗ୍ ତିନିଜଣ ଓଡ଼ିଆ ଇସ୍ପାତ ମନ୍ତ୍ରୀ ହୋଇଥିଲେ । ସେମାନେ ହେଲେ ଶ୍ରୀ ଦିଲ୍ଲୀପ୍ ରାୟ, ଶ୍ରୀ ନବୀନ ପଟ୍ଟନାୟକ ଏବଂ ଶ୍ରୀ ବ୍ରଜ କିଶୋର ତ୍ରିପାଠୀ । ଏହା ଫଳରେ ଓଡ଼ିଆ ସମାଜର ପ୍ରସ୍ତାବକୁ କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେ । ପ୍ରତ୍ୟେକ ସଦସ୍ୟ ମନ୍ଦିର ପାଇଁ ଦିନକର ଦରମା ଦାନ କରିଥିଲେ ଏବଂ ଅନ୍ୟମାନଙ୍କଠାରୁ ଧନ ସଂଗ୍ରହ ପାଇଁ ଲାଗି ପଡିଥିଲେ । ପ୍ରଥମେ ଅସ୍ଥାୟୀ ପୂଜାଘର କରି ଠାକୁରଙ୍କ ବିଗ୍ରହ ସ୍ଥାପନ କରାଗଲା ଏବଂ ପ୍ରାୟ ୮ବର୍ଷର ଅକ୍ଳାନ୍ତ ପରିଶ୍ରମ ଫଳରେ ବୋକାରୋ ସହରରେ ମୁଣ୍ଡଟେକି ଠିଆହେଲା ଓଡ଼ିଆ ସମାଜ ପାଇଁ ଗର୍ବ ଓ ଗୌରବର ପ୍ରତୀକ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର । ମନ୍ଦିର ପ୍ରତିଷ୍ଠା ହେବାପରେ ପ୍ରତିବର୍ଷ ରଥଯାତ୍ରା ଅନୁଷ୍ଠିତ ହେଉଛି । ମନ୍ଦିରର ଅନ୍ୟାନ୍ୟ ଉତ୍ସବ ମଧ୍ୟ ମହା ସମାରୋହରେ ହେବାରେ ଲାଗିଛି । ଏହି ମନ୍ଦିର ଏବେ ଓଡ଼ିଆ ମାନଙ୍କ ଭିତରେ ସୀମିତ ନରହି ସମଗ୍ର ବୋକାରୋବାସୀଙ୍କର ପ୍ରିୟ ପୂଜାପୀଠ ଭାବେ ପରିଗଣିତ ହେଉଛି ।

ମନ୍ଦିର ଆରମ୍ଭ ହେବା ଦିନଠାରୁ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ବୋକାରୋ ବାହାରେ ଚାକିରୀକ୍ଷେତ୍ର ହୋଇଥିବାରୁ ଠାକୁରଙ୍କ ଦର୍ଶନ କରିବାର ସୁଯୋଗ ମୋତେ ଅନେକ ଦିନ ପରେ ମିଳିଥିଲା । ସେଦିନ ବଡିସକାଳୁ ମନ୍ଦିର ଯାଇ ଦର୍ଶନ ପୂର୍ବରୁ ଭୋଗ ଦୋକାନରେ ଥିବା ବୟସ୍କ କର୍ମୀ ଜଣଙ୍କ ସହିତ କଥା ପ୍ରସଙ୍ଗରେ ପଚାରିଲି, ଏଠି ଜଣେ ତ୍ରିପାଠୀବାବୁ ଥିଲେ, ଉତ୍କଳ ପାଠାଗାର ସଂପାଦକ ଥିଲେ, ଜାଣନ୍ତି କି ? କର୍ମୀ ଜଣକ କହିଲେ, ସେତ ଆମ ଓଡ଼ିଆ ମାନଙ୍କୁ ଜଗାଇଥିଲେ, ମନ୍ଦିର ମୂଳଦୁଆ ପକାଇଥିଲେ, କିନ୍ତୁ ସେ ଏବେ ନାହାନ୍ତି । ଅନେକ ଦିନରୁ ବଦଳିହୋଇ ଚାଲିଗଲେଣି । ମୁଁ ଯେତେବେଳେ କହିଲି, ମୁଁ ସେହି ତ୍ରିପାଠୀ, ବୟସ୍କ କର୍ମୀ ପ୍ରଥମେ ମୋତେ ଉପର ତଳ ଦେଖିଲେ ଏବଂ ଖୁସି ହୋଇ କହିଲେ, ଆରେ ହଁ ତ, ଆପଣ ଏମିତି ଚୁପ୍‌ଚାପ୍ କଣ ଠିଆହୋଇଛନ୍ତି, ଚାଲନ୍ତୁ ଚାଲନ୍ତୁ । ଆଉ ଡାକ ପକାଇଲେ ହଇଓ ନନା, ଦେଖ ଦେଖ ସେଇ ଯେଉଁ ତ୍ରିପାଠୀବାବୁଙ୍କ କଥା ମୁଁ କହୁଥିଲି ସେ ପରା ଆସିଛନ୍ତି, ତାଙ୍କୁ କୁର ଦର୍ଶନ କରାଇଦିଅ । ବୟସ୍କ ଓଡ଼ିଆ କର୍ମୀଙ୍କ ମୋ କଥା ଶୁଣି ଓ ମୋ ବ୍ୟବହାର ଦେଖି ଆନନ୍ଦରେ ମୋ ଲୋମ ଟାଙ୍କୁରୀ ଉଠୁଥାଏ । ମୋତେ ମନେହେଲା ସେଦିନ ମୁଁ କୋଟିନିଧି ପାଇଗଲି । (ସମାପ୍ତ)

୦୨, ଜ୍ୟୋତି ଏନ୍‌କ୍ଲେଭ୍, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫,
ମୋ-୮୮୯୫୫୨୩୫୬୧

ଘରେ ତିଆରି କରନ୍ତୁ ମିଠା ପୁରି

ବର୍ତ୍ତମାନ ସମୟରେ ରେସ୍ତୋରାଁ ଖାଦ୍ୟଠାରୁ ଦୂରେଇ ନିତାନ୍ତ ଜରୁରୀ । ଏସବୁ ବାହାର ଖାଦ୍ୟରେ ତେଲମସଲା ଅଧିକ ରହୁଥିବାବେଳେ ପେଟ ସମସ୍ୟା ହେବାର ଭୟ ରହିଥାଏ । ଏଣୁ ଘରେ ସୁଆଦିଆ ବ୍ୟଞ୍ଜନ ତିଆରି କରି ସପରିବାର ଖାଇବାର ମଜା ନିଅନ୍ତୁ । ପିଲାଙ୍କର ପ୍ରିୟ ପୁରିକୁ ଏକ ଭିନ୍ନ ସୁଆଦ ଦେଇ ପ୍ରସ୍ତୁତ କରିପାରିବେ । ମିଠା ପୁରି ପ୍ରସ୍ତୁତ କରିବାକୁ ଖୁବ୍ କମ୍ ସମୟ ଲାଗୁଥିବାବେଳେ ସକାଳ ଜଳଖିଆରେ ଖାଇପାରନ୍ତି । **ଆବଶ୍ୟକ ସାମଗ୍ରୀ:** ଅଟା ଦେଢ କପ୍, ଘିଅ ୧ ଛୋଟ ଚାମଚ, ଗୁଣ୍ଡ ଚିନି, ୫ ଛୋଟ ଚାମଚ, ପାନ ମହୁରୀ ୧ଛୋଟ ଚାମଚ, ଅଧ କପ୍ କ୍ଷୀର । ପ୍ରଥମେ ଏସମସ୍ତ ସାମଗ୍ରୀକୁ ଭଲଭାବେ ଚକଟି ନିଅନ୍ତୁ । ଅଟା ଚକଟି ହେବା ପରେ ସେହି ପାତ୍ରକୁ ଘୋଡାଇ ୨୦-୩୦ ମିନିଟ୍ ରଖିବେ । ଏବେ ଚୁଲାରେ କଡେଇ ବସାଇ ତେଲ ଭଲଭାବେ ଗରମ ହେବା ପରେ ଛୋଟଛୋଟ ପୁରି ବେଲି ଛାଣିନିଅନ୍ତୁ । ଗରମଗରମ ପୁରିକୁ ଆଳୁ ତରକାରି ସହ ସପରିବାର ଖାଇବାର ମଜା ନିଅନ୍ତୁ । ଧ୍ୟାନରେ ରଖନ୍ତୁ, ହୃଦ୍‌ରୋଗୀ ଓ ମଧୁମେହ ରୋଗୀ ଏହି ମିଠା ପୁରି ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇପାରେ ।

ମହିଳାଙ୍କ କମ୍ ନିଦ ପଛର କାରଣ !



ନିକଟରେ ସର୍ବଭାରତୀୟ ସ୍ତରରେ ଏକ ଅନୁଧ୍ୟାନ ହୋଇଥିଲା । ୨୦୧୮ ଡିସେମ୍ବରରେ ଆରମ୍ଭ ହୋଇଥିବା ସର୍ବେକ୍ଷଣର ତଥ୍ୟ ଚଳିତ ବର୍ଷ ଫେବୃଆରୀ ପ୍ରଥମ ସପ୍ତାହରେ ସମ୍ମୁଖକୁ ଆସିଥିଲା । ଭାରତୀୟ କର୍ମଜୀବୀ ମହିଳାଙ୍କ ଜୀବନଶୈଳୀର ପ୍ରମୁଖ ଭାଗକୁ ବିଶ୍ଳେଷଣ କରାଯାଇଥିବାର ପ୍ରକାଶ । ୭୦%ରୁ ଅଧିକ କର୍ମଜୀବୀ ମହିଳା କାମର ଚାପ କାରଣରୁ ଭଲଭାବେ ଶୋଇପାରିନଥାନ୍ତି । ମାନସିକ ଅଶାନ୍ତି, ଘର କାମ, ବାହାର କାମ, କାର୍ଯ୍ୟାଳୟର ଚାପ, ଏସବୁ ଭିତରେ ଧନ୍ଦି ହୋଇ ନିଜ ଉପରୁ ସେମାନଙ୍କର ଧ୍ୟାନ ଅନ୍ୟତ୍ର ରହିଥାଏ ।

♦ ଆଜିର ସମୟରେ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ କାମ କରୁଛନ୍ତି । ବିଭିନ୍ନ ମହଲରେ ସେମାନଙ୍କୁ ପ୍ରୋତ୍ସାହିତ ମଧ୍ୟ କରାଯାଉଛି । ମନସ୍ତତ୍ତ୍ୱବିତ୍ ରାମ ଠାକୁରଙ୍କ ମତରେ କାମ ଚାପ ସହ ଘରୋଇ ଅଶାନ୍ତି କାରଣରୁ କର୍ମଜୀବୀ ମହିଳାମାନେ ଚିଡଚିଡା ସ୍ୱଭାବର ହୋଇଯାନ୍ତି । ସେମାନଙ୍କ ଦାୟିତ୍ୱ କମ୍ କରିବା ନିମନ୍ତେ ଘରର ଅନ୍ୟ ସଦସ୍ୟମାନେ ସହଯୋଗ କରିବା ଆବଶ୍ୟକ ।

♦ ଅନ୍ୟ ଏକ ତଥ୍ୟରୁ ଜଣାପଡିଛି, ଗୃହିଣୀମାନେ ଘଣ୍ଟାଘଣ୍ଟା ଫୋନ୍‌ରେ ବାର୍ତ୍ତାଳାପ କରି ସମୟ ଅତିବାହିତ କରୁଛନ୍ତି । କେତେଜଣ କର୍ମଜୀବୀ ମହିଳାଙ୍କ ମତରେ ଯଦି ସେମାନଙ୍କୁ କିଛି ଫାଙ୍କା ସମୟ ମିଳିବ, ତେବେ ସୁନିଦ୍ରାକୁ ହିଁ ସବୁଠୁ ଅଧିକ ଜରୁରୀ ବୋଲି ସେମାନେ ଭାବିବେ ।

ଦୁନିଆର ସବୁଠାରୁ ଦାମୀ ସାପ

ଦୁନିଆର କିଛି ଏପରି ସାପ ଅଛନ୍ତି ଯାହା କୋଟିକୋଟି ଟଙ୍କାରେ ବିକ୍ରି ହୁଅନ୍ତି । ଆଜି ଆମେ ଏପରି ଏକ ସାପ ବିଷୟରେ ଜାଣିବା ଯାହା ଦୁନିଆରେ ସବୁଠାରୁ ଦାମୀ ସାପ । ଏହି ପ୍ରଜାତିର ସାପ ଏପରିତ ଅନେକ ରଙ୍ଗର ହୋଇଥାନ୍ତି କିନ୍ତୁ ସବୁଜ ଓ ନୀଳ ରଙ୍ଗର ପାଇଥାନର ଚାହିଦା ଅଧିକ । ପାଇଥନ ସାପର ଏହା ସବୁଠାରୁ ଦାମୀ ପ୍ରଜାତି । ଏହି ସାପ ଇଣ୍ଡୋନେସିଆର ଦ୍ୱୀପ, ନ୍ୟୁଗିନି ଓ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳୁଛି । ଏହି ୱେବସାଇଟ୍ ଅନୁସାରେ, ଏହି ପାଇଥନ ବହୁତ ଚର୍ଚ୍ଚିତ ପ୍ରାଣୀ ମଧ୍ୟରୁ ଅନ୍ୟତମ । ଦୁଇମିଟର ଲମ୍ବା 'ଗ୍ରୀନ୍ ଟ୍ରି ପାଇଥନ' ଓଜନ ଦେଢ଼କିଲୋ । ଏହା ସରୀସୃପ ଓ ମାଦା କୀଟପତଙ୍ଗମାନଙ୍କୁ ଖାଏ ।

କରୀନାଙ୍କ ଗେହ୍ଲା ତୈମୁର୍

ଅଧିକାଂଶ ବଲିଉଡ କଳାକାରଙ୍କ ମତ ଯେ ନବାବ୍ ସୈଫ୍ ଅଲୀ ଖାନ୍ ଓ ତାଙ୍କ ବେଗମ୍ କରୀନା କପୁର ଖାନ୍‌ଙ୍କଠାରୁ ତାଙ୍କ କୁନି ପୁଅ ତୈମୁର ଅଲୀ ଖାନ୍ ଲୋକପ୍ରିୟତାରେ ଅଧିକ ଅଛନ୍ତି । ତୈମୁର୍ ଯେଉଁଆଡେ ଗଲେ, ଗଣମାଧ୍ୟମ ତାଙ୍କ ପଛରେ । ପୁଅର ଏଇ ବୟସରୁ ଏତେ ଲୋକପ୍ରିୟତା ଦେଖି କରୀନା ମଧ୍ୟ ଚିନ୍ତାରେ ପଡିଗଲେଣି । ନିକଟରେ ଏକ ସାକ୍ଷାତକାର୍‌ରେ କହିଛନ୍ତି, ସାଢେ ୩ ବର୍ଷ ପୁଅର ସବୁ ଅଳି, ଅର୍ଦଳିକୁ ସେ ମାନିନିଅନ୍ତ । ତାଙ୍କର ଏଭଳି ଆଚରଣ ଦେଖି ସୈଫ୍ ଅନେକ ସମୟରେ ବିରକ୍ତ ପ୍ରକାଶ କରୁଛନ୍ତି । ତୈମୁର୍ ଅମାନିଆ ହୋଇଯିବ ବୋଲି ପରିବାରଲୋକଙ୍କ ଭୟ । କରୀନା କହିଛନ୍ତି ପୁଅର ନିରୀହ ନିଷ୍ପାପ ମୁହଁକୁ ଦେଖିଲେ ସେ ତାର ସବୁ ଜିଦ୍ ପୂରଣ କରିଦିଅନ୍ତି । କରୀନା ଏହା ମଧ୍ୟ କହିଛନ୍ତି, ସୈଫ୍ ୩ ପିଲାଙ୍କ ମଧ୍ୟରୁ ବଡ ଝିଅ ସାରା(ସୈଫ୍ ଓ ତାଙ୍କ ପୂର୍ବ ପତ୍ନୀ ଅମୃତା ସିଂହଙ୍କ ଝିଅ)କୁ ସବୁଠୁ ଅଧିକ ଗେହ୍ଲା କରନ୍ତି ।

ଗ୍ଲାକୋମା: ତୁରନ୍ତ ଚିକିତ୍ସା ଜରୁରୀ

୪୦ବର୍ଷରୁ ଉର୍ଦ୍ଧ୍ୱ ପ୍ରତି ୨୦୦ ଜଣରେ ଜଣେ, ୮୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରତି ୮ ଜଣରେ ଜଣେ ଗ୍ଲାକୋମାର ସମ୍ମୁଖୀନ ହୋଇପାରନ୍ତି । ଆମ ଦେଶରେ ୪୦ବର୍ଷରୁ ଉର୍ଦ୍ଧ୍ୱ ପ୍ରାୟ ୧.୧୯ କୋଟି ଲୋକ ଗ୍ଲାକୋମାରେ ଆକ୍ରାନ୍ତ । ଶିଶୁଟିଏ ମଧ୍ୟ ଏଥିରେ ଆକ୍ରାନ୍ତ ହୋଇପାରେ । ଗ୍ଲାକୋମା ଦୃଷ୍ଟି ଶକ୍ତିକୁ ଧୀରେଧୀରେ ପୂର୍ଣ୍ଣମାତ୍ରାରେ ନଷ୍ଟ କରିଥାଏ । ଅଧିକାଂଶ କ୍ଷେତ୍ରରେ ଏହାର ଲକ୍ଷଣ ପ୍ରଥମାବସ୍ଥାରୁ ଜଣାପଡିବାରୁ ପୀଡିତ ବ୍ୟକ୍ତି ଚିକିତ୍ସା ପାଇଁ ଆଗ୍ରହ ପ୍ରକାଶ କରନ୍ତିନି । ଏହା ବଂଶଗତ, ମଧୁମେହ, ସମୀପ ଦୃଷ୍ଟିଦୋଷ, ଚକ୍ଷୁରେ ଆଘାତ ଅଥବା କେତେକ ଚକ୍ଷୁରୋଗର ପରବର୍ତ୍ତୀ ଅବସ୍ଥାରେ, ଖେସାରୀ ଜାତୀୟ ବିଷାକ୍ତ ଡାଲି ସେବନ, ସୋରିଷ ତେଲରେ ଅପମିଶ୍ରଣ ଇତ୍ୟାଦି ବିଭିନ୍ନ କାରଣ ମାନ ଏହି ଗ୍ଲାକୋମାରେ ନଷ୍ଟ ହୋଇଯାଆନ୍ତି ଏବଂ କ୍ରମଶଃ ଏହା ସମ୍ପୂର୍ଣ୍ଣ ଅନ୍ଧତ୍ୱ ଦିଗକୁ ଗତି କରେ ।

ଯଦି ବାରମ୍ବାର ଚଷମାର ନମ୍ବର ବଦଳୁଛି, ଚକ୍ଷୁରେ ଯନ୍ତ୍ରଣା ହେଉଛି, ଦୃଷ୍ଟିଶକ୍ତି ହ୍ରାସ ପାଉଛି, ଇନ୍ଦ୍ରଧନୁ ରଙ୍ଗ ଚ

ରାଜଭବନ ପେଟ୍ରୋଲ ପମ୍ପ ବିସ୍ଫୋରଣ : କ୍ଷତିପୂରଣ ପ୍ରଦାନ ଦାବୀରେ ଫରୱାର୍ଡ୍ ବ୍ଲକର ବିକ୍ଷୋଭ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ଗତ ଅକ୍ଟୋବର ୭ ତାରିଖରେ ରାଜଭବନ ନିକଟସ୍ଥ ଆଇଓସିଏଲ ଫିଲିଙ୍ଗ ଷ୍ଟେସନରେ ବିସ୍ଫୋରଣ ଘଟଣାରେ କ୍ଷତିଗ୍ରସ୍ତମାନଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦାବିରେ ଅଲ ଇଣ୍ଡିଆ ଫରୱାର୍ଡ୍ ବ୍ଲକ ପକ୍ଷରୁ ସୋମବାର ଦିନ ମାଷ୍ଟରକ୍ୟାଂଟନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଫରୱାର୍ଡ୍ ବ୍ଲକର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ରକହିଛନ୍ତି ଯେ ଏହି ବିସ୍ଫୋରଣରେ ଏକାଧିକ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ବହୁ ଲୋକ ଆହତ ହୋଇଥିଲେ । ସ୍ଥାନୀୟ ୟୁନିଟ-୬, ସୂର୍ଯ୍ୟନଗର ଓ ରାଜଭବନ ପରିସରର ବହୁ ଘରଦ୍ୱାର ଭାଙ୍ଗିରୁଜି ଯାଇଛି । ସ୍ଥାନୀୟ ଅଂଚଳର ଦୋକାନୀ, ଉଠା ଦୋକାନୀ ଓ ବସ୍ତି ବାସିନ୍ଦାଙ୍କ ଘରଦ୍ୱାର ମଧ୍ୟ ଭାଙ୍ଗିରୁଜି ଯାଇଛି । ଏଭଳି ଏକ ଭୟଙ୍କର ଘଟଣାର ୧୩ ଦିନ ବିତି ଯାଇଥିଲେ ମଧ୍ୟ କ୍ଷତିପୂରଣ ଦିଆଯାଇନାହିଁ । ଘଟଣା ପାଇଁ ଦାୟୀ ଇଣ୍ଡିଆନ ଅଏଲ୍ ଅଧିକାରୀ, ପେଟ୍ରୋଲ ପମ୍ପର ଡିଲର ବା ମାଲିକ, ଦୁର୍ଘଟଣା ବେଳେ ମରାମତି କାର୍ଯ୍ୟରେ ନିଯୁକ୍ତ ଥିବା ଠିକା ସଂସ୍ଥା ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବିସ୍ଫୋରଣ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା, ବିସ୍ଫୋରଣ ଯୋଗୁଁ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ, ଅଙ୍ଗପ୍ରତ୍ୟଙ୍ଗ ହରାଇଥିବା ବ୍ୟକ୍ତି ବିଶେଷଙ୍କୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ସମେତ ଆହତମାନଙ୍କର ମାଗଣା ଚିକିତ୍ସା ଓ ଔଷଧ ପ୍ରଦାନର ବ୍ୟବସ୍ଥା କରିବା, ଏହି ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନୀୟ ଅଂଚଳର ସ୍ଥାୟୀ ବାସିନ୍ଦା, ସ୍ଥାୟୀ, ଅସ୍ଥାୟୀ ଓ ଉଠା ଦୋକାନୀ ଏବଂ ବସ୍ତି ବାସିନ୍ଦାଙ୍କ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ସେମାନଙ୍କୁ ତୁରନ୍ତ ପର୍ଯ୍ୟାପ୍ତ କ୍ଷତି ପୂରଣ ପ୍ରଦାନ କରିବା ସହ ଜନଜୀବନର ସୁରକ୍ଷାକୁ ବିଚାରକୁ ନେଇ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଗୁଡିକରୁ ଗ୍ୟାସ ଫିଲିଙ୍ଗ ପମ୍ପଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବୀ କରି ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ଶ୍ରମ କମିଶନର ଏବଂ ବି.ଏମ୍.ସି. କମିଶନରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ତୁରନ୍ତ ଦାବୀ ପୂରଣ ଦିଗରେ ଉଭୟ ଆଇଓସିଏଲ କତୃପକ୍ଷ ଓ ରାଜ୍ୟ ସରକାର ବିଚାର ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରୀ ତୀବ୍ରତର କରାଯିବ ବୋଲି ଫରୱାର୍ଡ୍ ବ୍ଲକ ପକ୍ଷରୁ ଜାରି ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ପ୍ରକାଶ କରିଛନ୍ତି ।

ରେଳ କର୍ମଚାରୀଙ୍କ କରୋନା ଟେଷ୍ଟ

ଭୁବନେଶ୍ୱର,୨୦।୧୦ (ନି.ପ୍ର): ରେଳ କର୍ମଚାରୀ ମାନଙ୍କ ମଧ୍ୟରେ କୋଭିଡ୍-୧୯ ପରୀକ୍ଷା ପାଇଁ ପୂର୍ବତଟ ରେଳପଥ ମୁଖ୍ୟାଳୟ ସ୍ଥିତ ରେଳକୁଞ୍ଜ ଠାରେ ଅକ୍ଟୋବର୧୯ ଓ ୨୦ ତାରିଖ ଦିନ ଏକ ଦୁଇ ଦିନିଆ ଆଂଟିଜେନ୍ ଡିଟେକସନ କ୍ୟାମ୍ପ ଆୟୋଜନ କରାଯାଇଛି । ଇନଫ୍ଲୁଏଞ୍ଜା ପରି ଲକ୍ଷଣ, କୋଭିଡ୍୧୯ ଆକ୍ରାନ୍ତ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି, ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ୫୫ ବର୍ଷରୁ ଅଧିକ ବୟସର ରେଳ କର୍ମଚାରୀ ମାନଙ୍କୁ କୋଭିଡ୍୧୯ ପରୀକ୍ଷା ପାଇଁ ପ୍ରାଥମିକତା ଦିଆଯାଇଛି ।

ଚୋରି ମାମଲାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ : ଏସପିଙ୍କୁ ଭେଟିଲେ ବଣିକ ସଂଘର କର୍ମକର୍ତ୍ତା

କୋରେଇ,୨୦।୧୦ (ନି.ପ୍ର): ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ତାଉଁତାରା ବଜାରରେ କ୍ରମାଗତ ଭାବେ ଚୋରି ବୃଦ୍ଧି ପାଉଛି । ହେଲେ କୌଣସି ଚୋରି ମାମଲାରେ ଚୋରି ସାମଗ୍ରୀକୁ ପୋଲିସ ଉଦ୍ଧାର କରିପାରିନାହିଁକିମ୍ବା ଚୋରଙ୍କୁ ଧରିପାରିନାହିଁ । ଯାହା ଫଳରେ ଚୋରମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଚୋରି କରୁଛନ୍ତି । ଅଂଚଳରେ ଚୋରୀ ବୃଦ୍ଧି ପାଇଛି । ତାଉଁତରା ଠାରେ ଥିବା ପ୍ରଦ୍ୟୁମ୍ନ ପଣ୍ଡାଙ୍କ ମା' ତାରଣୀ ଟ୍ରେଡର୍ସରୁ ପ୍ରାୟ ୪୦ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିଲା । ଏନେଇ ଥାନାରେ ଜଣାଇଥିଲେ ମଧ୍ୟ ପୁଲିସ କେବଳ ଘଟଣାସ୍ଥଳ ପରିଦର୍ଶନ କରି ଫେରି ଯାଇଥିଲା । ପୁନର୍ବାର ଗତ ୧୭ ତାରିଖ ରାତ୍ରୀରେ ଏକ ଟ୍ରଲି ରିକ୍ସାରେ ପାଇପ୍ ଚୋରି କରି ନେଉଥିବା ବେଳେ ଗ୍ରାମବାସୀ ଏହାକୁ ଅଟକାଇଥିଲେ । ମାତ୍ର ଚୋରମାନେ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ୩୨୬/୨୦ରେ ରୁଜୁ କରି ଟ୍ରଲି ମାଲିକକୁ ଧରି ଆଣିଥିଲେ ହେଁ ପରେ ଛାଡିଦେଇଥିଲା । ଯାହାକୁ ନେଇ ତାଉଁତରା ବଣିକ ସଂଘ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ବିଂଝାରପୁର ପୁଲିସ ନିରଦ୍ରଷ୍ଟା ସାଜିବା ନେଇ ଅସନ୍ତୋଷ ବ୍ୟକ୍ତ କରି ଏସପି ଚରଣସିଂହ ମୀନଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । ଅଂଚଳରେ ଚୋରି ରୋକିବା ଓ ଚୋରମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି ।

ବାସଗୃହ ରାସ୍ତାକୁ ଅବରୋଧ, ଉଚ୍ଛେଦ ପାଇଁ ଦାବି

କେନ୍ଦ୍ରାପଡା,୨୦।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ତହସିଲ ଅଧିନ ନଳପାହି ଗ୍ରାମର ଥିବା ନଳପାହି ଠାରୁ ଦକ୍ଷିଣଡିହା ଆରଡି ରାସ୍ତାକୁ ଜବରଦଖଲ କରାଯାଇ ଥିବାରୁ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି । ଦାବି ମୁତାବକ ନଳପାହି ଠାରୁ ଦକ୍ଷିଣଡିହା ଆରଡି ରାସ୍ତା ଠାରୁ ପ୍ରାୟ ୨୦ ଫୁଟ ଦୂରରେ କେତେକ ବାସଗୃହ ରହିଛି । ଏହି ଘର ଗୁଡିକୁ ଯିବା ଆସିବା ପାଇଁ ବାସିନ୍ଦା ମାନେ ସରକାରୀ ଅନାବାଦି ଜମିର ହିଡକୁ ରାସ୍ତା ଭାବେ ବ୍ୟବହାର କରନ୍ତି । ସେହି ଗ୍ରାମର ଚକ୍ରଧର ସ୍ୱାଇଁ ଚଲାବାଟ ବିଲ ଓ ହିଡରେ ତାରବାଡ ବୁଲାଇ ଥିବାରୁ ସଂପୃକ୍ତ ପରିବାର ଲୋକମାନେ ବାସଗୃହକୁ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଆଳି ଥାନା ଓ ତହସିଲଦାରଙ୍କ ଠାରେ ଅଭିଯୋଗ କରାଯାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସେହି ଗ୍ରାମର ବୈଷ୍ଣବ ପରିଡା, ବିକାଶ କୁଅଁର, ବିଚିତ୍ର ନାୟକ, ଉତ୍କଳ ପରିଡା, ଅନ୍ନପୂର୍ଣ୍ଣା ନାୟକ, କୁଞ୍ଜଲତା ପରିଡା, କଲ୍ୟାଣି ପରିଡା, ସସ୍ମିତା ଜେନା ପ୍ରମୁଖ, ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଜବରଦଖଲ ହଟାଇବା ପାଇଁ ନିବେଦନ କରିଛନ୍ତି ।

ସ୍ୱର୍ଗଦ୍ୱାର ଶବଦାହ ନେଇ କଟକଣା ଉଠିଲା: ଶବ ସତ୍କାର ସମୟରେ କୋଭିଡ୍ ନିୟମ ପାଳନ ଅନିବାର୍ଯ୍ୟ

କେବଳ କରୋନା ମୃତକଙ୍କ କ୍ଷେତ୍ରରେ କଟକଣା ବଳବତର- ଜିଲ୍ଲାପାଳ

ପୁରୀ,୨୦।୧୦ (ନି.ପ୍ର): କରୋନା ମହାମାରୀକୁ ଦୃଷ୍ଟିରେ ରଖି ସ୍ୱର୍ଗଦ୍ୱାର ଠାରେ ବାହାର ଜିଲ୍ଲା ଏବଂ ଅନ୍ୟ ରାଜ୍ୟର ବ୍ୟକ୍ତିଙ୍କ ଶବଦାହ ତଥା ଶେଷ କୃତ୍ୟ ପାଇଁ ପୂର୍ବରୁ ଚଳିତ ମାସ ୩୧ ତାରିଖ ଯାଏଁ ଅବଧି ରହିଥିବା କଟକଣାକୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଠାଇ ଦିଆଯାଇଛି । ତେବେ ଏହି ଶବ ସତ୍କାର ସମୟରେ କୋଭିଡ୍ ନିୟମ ପାଳନକୁ ଅନିବାର୍ଯ୍ୟ କରାଯାଇଛି । ମୃତଙ୍କ ସତ୍କାର ବେଳେ ସେଠାରେ ୨୦ରୁ ଅଧିକ ଲୋକ ରହିପାରିବେନାହିଁ । ସାମାଜିକ ଦୂରତା ରକ୍ଷା, ମୁହଁରେ ମାସ୍କ ପରିଧାନ ଓ ସାନିଟାଇଜର୍ ଉପରେ ଗୁରୁତ୍ୱ ଦିଆଯିବ । ହେଲେ କରୋନାଜନିତ ମୃତକଙ୍କ ପାଇଁ ପୂର୍ବଭଳି କଟକଣା ବଳବତର ରହିବ ବୋଲି ଜିଲ୍ଲାପାଳ ବଲୱନ୍ତ ସିଂହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ସ୍ୱର୍ଗଦ୍ୱାରରେ ଶବଦାହ ହେଲେ ସ୍ୱର୍ଗପ୍ରାପ୍ତି ହେବା ବିଶ୍ୱାସ ରହିଥିବାରୁ ରାଜ୍ୟ ଓ ଦେଶ ବିଦେଶରୁ ହିନ୍ଦୁଧର୍ମାବଲମ୍ବୀ ମାନେ ଶବ ସଂସ୍କାର ପାଇଁ ସ୍ୱର୍ଗଦ୍ୱାରକୁ ଆସିଥାନ୍ତି ।

ଛେଳି ଚୋରକୁ ଧରି ପୁଲିସର ଜିମା ଦେଲେ ଗ୍ରାମବାସୀ

ବାରିପଦା,୨୦।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ବାଉଡିବେଡ଼ା ପଂଚାୟତ ଚଟାଣି ଗ୍ରାମର ହୀରାଲାଲ ମହାନ୍ତଙ୍କ ଘର ସମ୍ମୁଖରେ ବନ୍ଧା ଯାଇଥିବା ଏକ ଛେଳିକୁ ବାଲେଶ୍ୱର ଜିଲ୍ଲା ରୁସ୍ତା ଥାନା ଅଂଚଳର ପୋଡ଼ାଡ଼ିହା ଗ୍ରାମର ଦୁଖୀଶ୍ୟାମ ଦାସଙ୍କ ପୁଅ ସ୍ମୃତିପ୍ରକାଶ ଦାସ ଆଜି ମଧ୍ୟାହ୍ନ ସମୟରେ ଚୋରୀ କରି ଅଖାଭିତରେ ଭର୍ତି କରି ବାଇକରେ ଖସି ପଳାଇ ଯାଉଥିବା ସମୟରେ ସ୍ଥାନୀୟ କେତେକ ଯୁବକ ପିଛା କରିଥିଲେ ଏବଂ ଚଟାଣି ଗ୍ରାମରୁ ପ୍ରାୟ ୨୫ କି.ମି. ବାଙ୍ଗିରିପୋଷି ଥାନା ଅଂଚଳରେ ଧରିବାରେ ସଫଳ ହୋଇଥିଲେ । ବିଶୋଇ ପୁଲିସ ଖବରପାଇ ବାଙ୍ଗିରିପୋଷି ପୁଲିସ ସହାୟତାରେ ଛେଳି ଚୋର ସ୍ମୃତିପ୍ରକାଶ ଦାସ ସହ ଛେଳି ଓ ବାଇକକୁ ବିଶୋଇଥାନାକୁ ନେଇ ଯାଇଥିଲେ । ଏଥି ସହିତ ଥାନାରେ କେଶ ନମ୍ବର ୧୦୩/୨୦୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବାର ଥାନା ଅଧିକାରୀ ଫନୀନ୍ଦ୍ରଭୂଷଣ ନାୟକଙ୍କ ସୂତ୍ରରୁ ଜଣାପଡ଼ିଛି । ପ୍ରକାଶ ଥାଉକିଗତ ବୁଧବାର । ନୂଆଗାଁ ପଂଚାୟତ କୁଳିପୋଷି ଗ୍ରାମର ସୁଶେନ ମହାନ୍ତଙ୍କ ଗୁହାଳରୁ ରାତିରେ କେହି ୬ଟି ଛେଳି ଚୋରୀକରି ନେଇଯାଇଥିବା ବିଷୟକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା ।

ଯୌତୁକ ଲୋଭରେ ସ୍ତ୍ରୀର ଗର୍ଭପାତ ଓ ହତ୍ୟା ଉଦ୍ୟମ ଅଭିଯୋଗ

ଭଦ୍ରକ, ୨୦/୧୦ (ହି.ସ.) - ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନସ୍ଥ ସେଣ୍ଟିଆ ଗ୍ରାମର ଯୌତୁକ ଜନିତ ବଧୁହତ୍ୟା ଉଦ୍ୟମ ଅଭିଯୋଗ ଆସିଛି । ଏହି ଗ୍ରାମର ରମାକାନ୍ତ ମିଶ୍ରଙ୍କ ପୁଅ ସୁଧାଂଶୁ ଶେଖରଙ୍କୁ ଗତ ଫେବୃୟାରୀ ମାସ ୪ ତାରିଖରେ ନାନ୍ଦପୁର ଅଂଚଳର ସୁଦାମ ପଣ୍ଡାଙ୍କ ଝିଅ ସରୋଜିନୀ ବିବାହ କରିଥିଲେ । ସରୋଜିନୀଙ୍କୁ ବିବାହର ଦୁଇମାସ ପରେ ଅଧିକ ଏକଲକ୍ଷ ଯୌତୁକ ଦାବୀ କରି ସ୍ୱାମୀ, ଦିଅର, ଶାଶୁ ଓ ଶ୍ୱଶୁର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ । ଇତିମଧ୍ୟରେ ସୁଦାମ ଏକ ହୋଣ୍ଡା ସ୍କୁଟି କିଣି ଜ୍ୱାଇଁଙ୍କୁ ଦେଇଥିଲେ । ତଥାପି ମନ ମାନିଲା ନାହିଁ । ନିର୍ଯ୍ୟାତନା ଚରମ ସୀମାରେ ପହଂଚିଲା । ପୁଣି ଅଧିକ ଏକଲକ୍ଷ ଟଙ୍କା ଦାବି କରି ସରୋଜିନୀକୁ ଦିଅର ସୁଧୀର ଲୁହାରଡ୍‌ରେ ପିଟିବାରୁ ସେ ଗୁରୁତର ହୋଇଥିଲେ । ଏମିତିକି ଦିଅର ସୁଧୀର ଭାଉଜ ସରୋଜିନୀକୁ ଅଶ୍ଳୀଳ ଇଙ୍ଗିତ କରିବାକୁ ପଛାଇ ନଥିବାର ଅଭିଯୋଗ ହୋଇଛି । ତେବେ ଖବର ପାଇ ବାପଘର ଲୋକେ ଝିଅ ସରୋଜିନୀକୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛନ୍ତି । ଏମିତିକି ତା ଶ୍ୱଶୁରଘର ଲୋକ ସରୋଜିନୀଙ୍କ ଗର୍ଭ ନଷ୍ଟ କରିଥିବା ବିଷୟ ପିତା ସୁଦାମ ଧୁଷୁରୀ ଥାନାରେ ଅଭିଯୋଗ କରିଥିଲେ ବି ପୁଲିସ୍ କେବଳ ନାମକୁ ମାତ୍ର କେଶ୍ ନଂ ୨୦୫/୨୦ ମୂଳେ ମାମଲାଟିଏ ରୁଜୁ କରି ଚୁପ୍ ହୋଇବସିଛି ବୋଲି କନ୍ୟାପକ୍ଷ ଗଣମାଧ୍ୟମକୁ କହିଛନ୍ତି । ଏବଂ ଆଗାମୀ ଦିନରେ ସରୋଜିନୀଙ୍କ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଦିଅରଙ୍କୁ ଗିରଫ କରାନଗଲେ ଧାରଣାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ମାଁ ରକ୍ତାମ୍ବରୀ,ସମଲେଶ୍ୱରୀଙ୍କ ପୀଠପୂଜା

ନୂଆପଡା,୨୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ଠାରେ ଶାରଦୀୟ ପାର୍ବଣରେ ଉତ୍ସବ ନେଇ ଖଡିଆଳର ଗଡଜାତ ଦେବୀ ମାଁ ରକ୍ତାମ୍ବରୀ ଏବଂ ଅ ଳର ଆଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଆଶ୍ୱୀନ ମାସ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ହୋଇଯାଇଛି । ଅଶ୍ୱିନ ଅମାବାସ୍ୟା ତିଥିରେ ମାଁ ରକ୍ତାମ୍ବରୀଙ୍କ ପୀଠପୂଜା ଅନୁଷ୍ଠିତ ହୋଇ ପାରମ୍ପାରୀକ ରୀତିନୀତିରେ ନିମନ୍ତ୍ରଣ କରାଯାଇଥାଏ । ମାଁ ରକ୍ତାମ୍ବରୀ ନିଶିରାତ୍ରୀରେ ଛତର ଦେହରେ ବିରାଜମାନ ହୋଇ ନିଜ ପୀଠରୁ ମନ୍ଦିରକୁ ପ୍ରବେଶ କରିଥାନ୍ତି । ସେହିପରି ମାଁ ସମଲେଶ୍ୱରୀ ଆଶ୍ୱିନ ପ୍ରତିପଦା ତିଥିରେ ପୀଠପୂଜା ଅନୁଷ୍ଠିତ ହୋଇ ମନ୍ଦିରକୁ ଛତର ଦେହରେ ବିରାଜମାନ ହୋଇ ମନ୍ଦିରରେ ପୂଜା ପାଇଥାନ୍ତି । ଏହି ଦଶହରା ନଅ ଦିନ ମନ୍ଦିରରେ ପୂଜା ପାଇ ବିଜୟା ଦଶମି ତିଥିରେ ଦୁଇ ଦେବୀଙ୍କ ଯୁଡା ଛତର ଯାତ୍ରା ଅନୁଷ୍ଠିତ ହୋଇଥାଏ । ବିରଳ ଏହି ଯାତ୍ରାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥାଏ, କିନ୍ତୁ କୋଭିଡ କଟକଣା ଯୋଗୁଁ ଆବଶ୍ୟକ କିଛି ଲୋକଙ୍କୁ ନେଇ ପୂଜାର୍ଚ୍ଚନା କରଯାଇଥାଏ । ଦୁଇ ଶକ୍ତିର ନଗର ପରିକ୍ରମା ଅତି ଯତ୍ନସହ ପାଳନ କରିଥାନ୍ତି । ଏକ ଅନନ୍ୟ ପରମ୍ପରା ଶତାଧିକ ବର୍ଷ ପ୍ରାଚୀନ ହୋଇଥିବା ବେଳେ ମାଁଙ୍କୁ ଗର୍ଭ ଦ୍ୱାରରେ ପୂଜା କରାଯାଉଥିଲା । ର୍ମାନ ସେବାୟତ ମାନେ ମାଁଙ୍କ ।ସେବାରେ ଲାଗି ପଡି ଯୋଡା ଛତର ଯାତ୍ରାକୁ ଦୁଇ ଶକ୍ତିର ମୁହାମୁହିଁ ନକରିବା ପାଇଁ ଯତ୍ନବାନ ହୋଇଥାନ୍ତି ।

ନାରୀ କବି ବିଦ୍ୟୁତ୍ ଲତାଙ୍କ ଶ୍ରାଦ୍ଧ ବାର୍ଷିକୀରେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୨୦।୧୦ (ନି.ପ୍ର): ନାରୀ କବି ସ୍ୱର୍ଗତଃ ବିଦ୍ୟୁତ୍ ଲତା ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି । କେନ୍ଦ୍ରାପଡା ପବ୍ଲିକ୍ ରିଡିଂ ରୁମ ପରିସର ରେ ସୋମବାର କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା । ସ୍ମୃତି କମିଟିର ସଭାପତି ପ୍ରଦିପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜୟ କୁମାର ସାମଲ, ସଂପାଦକ ମନୋଜ କୁମାର ଦାସ , ସଂଜୟ କୁମାର ମଲିକ ପ୍ରମୁଖ ନାରୀ କବିଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ । ବିଦ୍ୱାନ ଏଜୁକେସନ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସାମନ୍ତରାୟ, ସଦର ଥାନା ଅଧିକାରୀ ପ୍ରମୋଦ କୁମାର ମଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ ଓ ଟାଉନ ଜମାଦାର ନରେନ୍ଦ୍ର ନାଥ ସୋରେନ, ସାନ୍ଧ୍ୟଦିକ ଆଶିଷ ସେନାପତି, ଗବେଷକ ନିରଞ୍ଜନ ମେକାପ ପ୍ରମୁଖ ୧୫ଜଣ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ତୃପ୍ତିମୟୀ ଜେନା ପରିଚାଳନା କରିଥିଲେ । ଏଥିରେ ଦିଲିପ କୁମାର ଜେନା, ସୁଭ୍ରାଂଶୁ କୁମାର ଦାସ, ଅଶୋକ ସାହୁ, ସମାଜ ସେବୀ ପ୍ରଫୁଲ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଦୁଇଟି ବେଆଇନ ବାଲି ବୋଝେଇ ଟିପ୍ପର ଜବତ

କୋରେଇ,୨୦।୧୦ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ବଜାରରୁ ପୁଲିସ ଦୁଇ ବେଆଇନ ବାଲି ବୋଝେଇ ଟିପ୍ପରକୁ ଜବତ କରି ଥାନାରେ ରଖିଛି । ଏ ସମ୍ପର୍କରେ ବ୍ୟାସନଗର ତହସିଲକୁ ଅବଗତ କଲା ପରେ ଫାଇନ ଆଦାୟ ପରେ ବାଲି ଗାଡି ଛଡାଯିବ ବୋଲି ସୂଚନା ମିଳିଛି । ପ୍ରକାଶ ଥାଉକି, ବୈତରଣୀ ନଦୀର ମକୁନ୍ଦପୁର ନଦୀ ପଠାରୁ ପ୍ରତ୍ୟେହ ଦିବାରାତ୍ରୀ ବାଲି ଚୋରା ଚାଲାଣ ହେଉଛି । ପୁଲସ ପେଟ୍ରୋଲିଙ୍ଗ ବେଳେ ବାଲି ଗାଡି ନଂ (ଓଡି୦୧ଏଏ୧୧୩୩ ଓ ଓଆର୦୪ଡି ୬୬୯୫) କୁ ଯାଂଚ କରିବାରୁ ସେମାନେ ବାଲିର କୌଣସି କାଗଜାଦି ଦେଖାଇବାକୁ ସକ୍ଷମ ହୋଇନଥିଲେ । ଫଳରେ ପୁଲିସ ବାଲି ବୋଝେଇ ଗାଡି ଦୁଇଟିକୁ ଥାନାକୁ ଆଣିଥିଲା ।

ମହୀଶୂର ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାବର୍ତ୍ତନରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ଦକ୍ଷତା ଅର୍ଜନ, ପୁନଃ ଦକ୍ଷତା ଲାଭ ଏବଂ ଦକ୍ଷତାର ନିରନ୍ତର ବିକାଶ ସମୟର ଆହ୍ୱାନ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମହୀଶୂର ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାବର୍ତ୍ତନ ସମାରୋହରେ ଆଜି ଉଦ୍ ?ବୋଧନ ଦେଇଛନ୍ତି । ଭିଡିଓ କନ୍ ?ଫରେନ୍ସିଂ ବ୍ୟବସ୍ଥାରେ ଏହି ସମାବର୍ଚନ ସମାରୋହରେ ଉଦ୍ ?ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମହୀଶୂର ବିଶ୍ୱବିଦ୍ୟାଳୟ ପ୍ରାଚୀନ ଭାରତର ମହାନ୍ ? ଶିକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ କେନ୍ଦ୍ର । ଏହା ଭବିଷ୍ୟତ ଭାରତର ଆଶା ଆକାଂକ୍ଷା ଓ ଦକ୍ଷତାର ପ୍ରତୀକଭାବେ ରାଜଶ୍ରୀ ନଲୱାଡି କୃଷ୍ଣରାଜ ୱାଡିୟାର ଏବଂ ମୋକ୍ଷଗୁଣ୍ଡମ୍ ? ବିଶ୍ୱେଶ୍ୱରାୟାଜୀଙ୍କ ଲକ୍ଷ୍ୟ ପୂରଣରେ ସଫଳ ହୋଇଛି । ଏହି ବିଶ୍ୱବିଦ୍ୟାଳୟରେ ଶି

ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବିଜେଡିର ଜନସଚେତନତା ଅଭିଯାନ

ରାୟଗଡ଼ା ,୨୦।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା କଲ୍ୟାସିଂହପୁର ବ୍ଲକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଜନତା ଦଳ ପକ୍ଷରୁ ଜନସଚେତନା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ରାୟଗଡ ଜିଲ୍ଲା କୋଲନରା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ଲକର ଭୋଇମଡା ଗ୍ରାମ ପଞ୍ଚାୟତର ଦୁର୍ଗମ ଅଞ୍ଚଳର ଜୁଙ୍ଗୁରି ଓ ପର୍ଲଦି ଗ୍ରାମରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜୁ କୃଷକ ଜନତା ଦଳର ରାଜ୍ୟ ସଂପାଦକ ବାନାଗାଡି ତିରୁପତି, କୋଲନରା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତି ଗୀତା କଣ୍ଡାଗରୀ, ଉପାଧକ୍ଷ ତେଜରାଜ ନାଗ, ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ସମେତ ବିଜେଡିର ଅନ୍ୟ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ । ଏହି ଦୁଇ ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନ ଥିବାରୁ ସମସ୍ତେ ଦୀର୍ଘ ୪କିଲୋମିଟର ପାହାଡିଆ ରାସ୍ତା ସାଙ୍ଗକୁ ନଦୀ ପାର ହୋଇ ପାଦଚଲା ରାସ୍ତାରେ ଗାଁରେ ପହଞ୍ଚିଥିଲେ । ସେଠାରେ ଗ୍ରାମବାସୀମାନଙ୍କ ସହ ଆଲୋଚନ କରିବା ବେଳେ ଗ୍ରାମବାସୀମାନେ ପ୍ରତିଦିନ ଭୋଗୁଥିବା ପିଇବା ପାଣି ଓ ରାସ୍ତାର ସମସ୍ୟା ଉପସ୍ଥାପନା କରିଥିଲେ । ସେଠାକୁ ଯାଇଥିବା ଉପରୋକ୍ତ ପଦାଧିକାରୀମାନେ ନିଜେ ହୃଦୟଙ୍ଗମ କରି ଯଥାଶୀଘ୍ର ବାକି ରହିଥିବା ରାସ୍ତାକାମ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ସଂପାଦକ ଶ୍ରୀ ତିରୁପତି ସୂଚନା ଦେଇଛନ୍ତି । ପ୍ରକାଶ ଥାଉ କି, କୋଲନରା ବ୍ଲକର ଭୋଇମଡା ପଞ୍ଚାୟତ ଜୁମ୍ବେରୀ ଓ ପର୍ଲଦି ଗ୍ରାମକୁ ପକ୍କା ରାସ୍ତାଟିଏ ନାହିଁ । ସିନ୍ଧୁବାଇ ଠାରୁ ସାଲବି ପର୍ଯ୍ୟନ୍ତ ଯାଇଥିବା ପୂର୍ତରାସ୍ତାଟି ଅଧାରେ ଶେଷ ହୋଇଥିବାରୁ ମଝିରେ ପଡୁଥିବା ଏହି ଦୁଇ ଗାଁର ଲୋକେ ଗମନାଗମନ ସୁବିଧାରୁ ବଞ୍ଚିତ ହେଉଛନ୍ତି । ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ଅପହଞ୍ଚ ହୋଇପଡିଛି । ବ୍ଲକ ପ୍ରଶାସନ ନିକଟରେ ଗୁହାରୀ କରି ଗ୍ରାମବାସୀମାନେ ନୟାନ୍ତ ହୋଇଥିବା ବେଳେ ଶାସକ ବିଜୁ ଜନତା ଦଳର ନେତା ଓ କର୍ମୀମାନଙ୍କ ଜନସଚେତନତା କାର୍ଯ୍ୟକ୍ରମରେ ରାସ୍ତାଘାଟ ଓ ପାନୀୟ ଜଳସମସ୍ୟା ଗ୍ରାମବାସୀମାନେ ଉପସ୍ଥାପନା କରିଥିବାରୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀମାନେ ଆଶା ବାନ୍ଧିଛନ୍ତି । ଉଭୟ ଗ୍ରାମବାସୀଙ୍କୁ ମହାମାରୀ କରୋନାରୁ ନିଜକୁ କିପରି ଦୂରେଇ ରଖିବେ ସେ ନେଇ ସଚେତନ କରାଯାଇଥିବା ବେଳେ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା । ଦୁର୍ଗମ ଅଞ୍ଚଳରେ ବିଜୁଜନତା ଦଳ ପ୍ରତି ଗ୍ରାମବାସୀଙ୍କ ସମର୍ଥନ ଆଜି ବି ପୂର୍ବପରି ରହିଥିବା କାର୍ଯ୍ୟକ୍ରମର ଆୟୋଜନରୁ ପରିଲକ୍ଷିତ ହୋଇଥିଲା ।

କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୯୮ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୦।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୯୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୬୬୪ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଙ୍ଘନ କରିଥିବା ୬୩୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲ୍ଲାବାସୀଙ୍କୁ ଉପେକ୍ଷା

ପ୍ରତିବାଦ ପାଇଁ ସାମାଜିକ ନ୍ୟାୟ ଅଭିଯାନର ଆହ୍ୱାନ

ବାଲେଶ୍ୱର,୨୦।୧୦ (ନି.ପ୍ର): ବାଲେଶ୍ୱରରେ ଏମ୍‌ସ ସୁପର ସ୍ପେଶିଆଲିଟି ହସପିଟାଲ ଓ ପବ୍ଲିକ ହେଲ୍‌ଥ ସ୍କୁଲ ପ୍ରତିଷ୍ଠାରେ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ସାମାଜିକ ନ୍ୟାୟ ଅଭିଯାନ ସଂଗଠନ । ଏନେଇ ସଂଠନର ଆବାହକ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଯୋଗଦେଇ ବାଲେଶ୍ୱର ସଦର ଉପ-ନିର୍ବାଚନ ସମୟରେ ଜନସାଧାରଣ ଏହାର ପ୍ରତିବାଦ ଜଣାଇବାକୁ ଆହ୍ୱାନ ଦେଇଥିଲେ । ତତ୍କାଳୀନ ୟୁପିଏ ସରକାରଙ୍କ ସମୟରେ ବାଲେଶ୍ୱରର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଉଦ୍ୟମରେ ବାଲେଶ୍ୱରଠାରେ ଏମ୍‌ସ ସାଟେଲାଇଟ ସେଂଟର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିପାଇଁ ୪୫୦ କୋଟି ବ୍ୟୟ ଅଟକଳ ସହ ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା ବୋଲି ଶ୍ରୀ ଚାନ୍ଦ ସୂଚନା ଦେଇଥିଲେ। ମାତ୍ର ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ଏନଡିଏ ସରକାର ସମ୍ପୃକ୍ତ ପ୍ରକଳ୍ପକୁ ସ୍ଥାନାନ୍ତର ପାଇଁ ଉଦ୍ୟମ କରିଥିଲେ। ମାତ୍ର ଜନସାଧାରଣଙ୍କ ବିରୋଧ ଯୋଗୁଁ କେନ୍ଦ୍ର ସରକାର ବାଲେଶ୍ୱରରେ ଏମ୍‌ସ ସୁପର ସ୍ପେଶିଆଲିଟି ହସପିଟାଲ ଓ ପବ୍ଲିକ ହେଲ୍‌ଥ ସ୍କୁଲ ପ୍ରତିଷ୍ଠା ପାଇଁ ଘୋଷଣା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିପାଇଁ ପ୍ରାଥମିକ ଭାବେ ମାତ୍ର ୩୫ କୋଟି ଟଙ୍କାର ଅନୁଦାନ ଦେଇ ସମଗ୍ର ପ୍ରକଳ୍ପର ଏକ ଛୋଟିଆ ଅଂଶ ନିର୍ମାଣ କରୁଥିବା ଶ୍ରୀ ଚାନ୍ଦ ଅଭିଯୋଗ କରିଛନ୍ତି । ତେବେ ବାଲେଶ୍ୱର ସମେତ ସମଗ୍ର ଉତର ଓଡିଶା, ଏପରିକି ପୋଡଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ବିହାର ଭଳି ରାଜ୍ୟର ଜନସାଧାରଣଙ୍କୁ ଉତମ ଓ ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗଇଦେବା ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ଚାନ୍ଦ କହିଥିଲେ । ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିବା ବେଳେ ଚଳିତ ଉପ-ନିର୍ବାଚନରେ ଜନସାଧାରଣ ପ୍ରାର୍ଥୀଙ୍କ ସମେତ ନିର୍ବାଚନ ପ୍ରଚାରରେ ଆସୁଥିବା ନତୃବର୍ଗଙ୍କ ନିକଟରେ ପ୍ରତିବାଦ ଜଣାଇବାକୁ ଶ୍ରୀ ଚାନ୍ଦ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଶିତ୍ ବାରିକ, ବଡ଼ସାହି ବ୍ଲକ ସଭାପତି ଖଗେଶ୍ୱର ନାୟକ, ସଂଜୟ ବେହେରା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଜାହାଜ ଚଳାଚଳ ଅନୁଧ୍ୟାନ ପାଇଁ ସ୍ୱଦେଶୀ ସମାଧାନ ଭିତ୍ତିକ ସଫ୍ଟୱେରର ଶୁଭାରମ୍ଭ

ପାରାଦ୍ୱୀପ ,୨୦।୧୦ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ ରାଜ୍ୟ ମନ୍ତ୍ରୀ (ସ୍ୱାଧିନ) ମନସୁଖ ମାଣ୍ଡଭିୟ ମଙ୍ଗଳବାର ଦିନ 'ଇ'ସେବା ମାଧ୍ୟମରେ ନୂଆ ଦିଲ୍ଲି ଠାରେ ସାମୁଦ୍ରିକ ଯାତାୟତ ସେବା (ଭିଟିଏସ୍) ଏବଂ ଜାହାଜ ଚଳାଚଳ ଅନୁଧ୍ୟାନ (ଭିଟିଏମ୍‌ଏସ୍) ବ୍ୟବସ୍ଥା ପାଇଁ ସ୍ୱଦେଶୀ ସମାଧାନ ଭତିକ ସଫ୍ଟୱେର ର ଶୁଭାରମ୍ଭ କରିଛନ୍ତି । ଏହି ଉଦ୍‌ଘାଟନୀ ଅବସରରେ ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ କହିଥିଲେ ଯେ ଭାରତୀୟ ବନ୍ଦର ଗୁଡିକରେ ଜାହାଜ ଚଳାଚଳ ସେବାକୁ ସୁବ୍ୟବସ୍ଥିତ କରିବା ପାଇଁ ଅଧିକ ବ୍ୟବବହୁଳ ବିଦେଶୀ ସଫ୍ଟୱେର ସମାଧାନ ଉପରେ ନିର୍ଭରଶୀଳ ହେବାକୁ ପଡୁଥିଲା । କିନ୍ତୁ ଏଣିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଆତ୍ମ ନିର୍ଭର ଭାରତ' ପରିକଳ୍ପନା ଅନୁଯାୟୀ ସ୍ୱଦେଶୀ ଭିଟିଏସ ଓ ଭିଟିଏମ୍‌ଏସ୍ ର ସମାଧାନ ମାଧ୍ୟମରେ ସମଗ୍ର ବିଶ୍ୱ ପାଇଁ ନିର୍ମିତ ଜାହାଜ ଚଳାଚଳ ପରିଚାଳନା ପ୍ରଣାଳୀ ସୁବ୍ୟବସ୍ଥିତ ହେବ । ଏହି ସଫ୍ଟୱେର ଜରିଆରେ ଜାହାଜର ଅବସ୍ଥିତି, ଅନ୍ୟ ଜାହାଜର ସ୍ଥିତି, ଖରାପ ପାଣିପାଣ ସମ୍ପର୍କରେ ଆଗୁଆ ସୂଚନା, ଜଳ ମାର୍ଗରେ ଜାହାଜ ଚଳାଚଳ ସମ୍ପର୍କିତ ବ୍ୟାପକ ବ୍ୟବସ୍ଥା ସୁନିର୍ଦ୍ଧାରିତ ହେବ । ଭିଟିଏସ୍ ଜରିଆରେ ସମୁଦ୍ରରେ ଜୀବନ ସୁରକ୍ଷା, ସାମୁଦ୍ରିକ ଚଳାଚଳର ସୁରକ୍ଷା ଓ ଦକ୍ଷତା, ସାମୁଦ୍ରିକ ବାତାବରଣ, ଆଖପାଖ ଉପକୂଳବର୍ତୀ କ୍ଷେତ୍ର, କାର୍ଯ୍ୟସ୍ଥଳ, ସାମୁଦ୍ରିକ ଚଳାଚଳାରେ ସାମ୍ଭାବ୍ୟ ବିପଦରେ ସୁରକ୍ଷା ଦେବାରେ ଏହା ସହାୟକ ହେବ । ସୂଚନା ଥାଉକି ଭାରତୀୟ ଉପକୂଳରେ ୧୫ଟିଭିଟିଏସ୍ ବ୍ୟବସ୍ଥା ଚାଲୁ କାରାଯାଇଛି । ତେବେ ସ୍ୱଦେଶୀ ଭିଟିଏସ୍ ସଫ୍ଟୱେର ର ଉନ୍ନତିକରଣ ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଚେନାଇ ର ଆଇଆଇଟିକୁ ୧୦କୋଟି ଟଙ୍କା ମଞ୍ଜୁର କରିଥିବାର ପାରାଦ୍ୱୀପ ବନ୍ଦରର ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

ପୌରାଞ୍ଚଳରେ ବିଜେଡି ପ୍ରାର୍ଥୀ ସ୍ୱରୂପଙ୍କ ମାରାଥନ୍ ପ୍ରଚାର

ବାଲେଶ୍ୱର,୨୦।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପାଇଁ ପ୍ରମୁଖ ଦଳମାନଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟ କ୍ରମଶଃ ଜୋରଦାର ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ବାଲେଶ୍ୱର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ଯାଇ ମାରାଥନ୍ ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ପୁରୁଣା ବାଲେଶ୍ୱରର ବାବା ବାଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରୀ ଦାସ ନିଜ ସାଥୀ ସମର୍ଥକଙ୍କୁ ଧରି ଆରମ୍ଭ କରିଥିଲେ ଡୋର କ୍ୟାମ୍ପନିଂ । ସେ ସହରର ପାତ୍ରପଡା ହନୁମାନ ମନ୍ଦିର, ବଡଖୁଆ ମୁନିପଦା, ସୁନହଟ, କାଦରାବାଦ ମାହାଦେବ ମନ୍ଦିର, ମାନସିଂ ବଜାର, କଂସେଇ ମୋହଲ୍ଲା, ମଛୁଆ ସାହି, ମଠସାହି, ଈଶାନନଗର ଶିବମନ୍ଦିର, ବିକାଶ ନଗର, ନୂରପୁର ରୋଡ, ଦାମୋଦରପୁର, ମାକଲପୁର, ବଟେଶ୍ୱର, ଆଜିମାବାଦ ପ୍ରଭୃତି ଅଂଚଳରେ ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ । ବାଲେଶ୍ୱର ସହରର ବିକାଶକୁ ବିଜେଡି ସବୁବେଳେ ଅଗ୍ରାଧିକାର ଦେଇ ଆସିଥିବା ବେଳେ ଚଳିତ ନିର୍ବାଚନରେ ତାଙ୍କୁ ଅଧିକ ମାତ୍ରାରେ ସମର୍ଥନ ପାଇଁ ସେ ନିବେଦନ କରିଥିଲେ। ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ ଓ ପୂର୍ବତନ ପୌର ଉପାଧକ୍ଷ ମନୋଜ ରାଉତଙ୍କ ସମେତ ପ୍ରତ୍ୟେକ ୱାର୍ଡ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ରାଜ୍ୟସ୍ତରୀୟ ନେତାମାନେ ଏହି ପ୍ରଚାର କାର୍ଯ୍ୟରେ ଯୋଗଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ସାଙ୍ଗକୁ ନିର୍ମଳ ଭାବମୂର୍ତ୍ତିକୁ ଗୁରୁତ୍ୱ ଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ବିଜୟ ପାଇଁ ନିବେଦନ କରିଥିଲେ। ବାଲେଶ୍ୱର ସହର ତଥା ଜିଲ୍ଲାର ବିକାଶ ଏବଂ ଜନସାଧାରଣଙ୍କ ସମସ୍ୟାର ସାମାଧାନ ପାଇଁ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ସମର୍ଥନ ଜଣାଇବାକୁ ବିଜେଡି ନେତାମାନେ ଭୋଟରମାନଙ୍କୁ ନିବେଦନ କରିଥିଲେ।

ଥମୁନି ହାତୀ ଆତଙ୍କ ...

ଗ୍ରାମର ଅନ୍ୟ୨ଜଣ ଇନ୍ଦ୍ରଜିତ ଏବଂ ନଇତନି ମହାନ୍ତ ଗୁରୁତର ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ । ପରେ ଗ୍ରାମବାସୀ ଆମ୍ଫୁଲାନ୍ସ ଡକାଇ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତି କରିଥିଲେ । ତେବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ବୃଦ୍ଧା ମହିଳା ନଇତନି ମହାନ୍ତଙ୍କ ମୃତ୍ୟୁ ହୋଇଯାଇଛି । ସୂଚନା ମୁତାବକ ପଳାଶମୁଣ୍ଡଳି ଗ୍ରାମର ସୁଭଦ୍ରା ରଣା ,ବୟସ-୬୫ ସକାଳୁ ଫୁଲ ତୋଳୁଥିବା ବେଳେ ପଛପଟୁ ହଠାତ ଦନ୍ତାହାତୀ ଆସି ବୃଦ୍ଧାଙ୍କୁ ଆକ୍ରମଣ କରିବା ସହିତ କଚାଡି ଦଳିଦେଇଥିଲା । ଏଭଳି ଘଟଣା ମୟୂରଭ ଜିଲ୍ଲା ରାସଗୋବିନ୍ଦପୁର ରେ ଅଧିନ ପଳାଶମୁଣ୍ଡଳୀ ଗ୍ରାମରେ ଦେଖିବାକୁ ମିଳିଛି। ଦୀର୍ଘଦିନ ହେବ ହାତୀପଲ ରାସଗୋବିନ୍ଦପୁର ରେ ଅଂଚଳରେ ତାଣ୍ଡବଲୀଳା କରୁଥିବା ବେଳେ ବନବିଭାଗ ହାତୀ ଘଉଡାଇବାରେ ବିଫଳ ହୋଇଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ତେବେ ଖବରପାଇ ବନବିଭାଗ ଘଟଣାସ୍ଥଳରେ ପହଂଚି ଘଟନାର ତଦନ୍ତ କରିବା ସହିତ ହାତି ଘଉଡେଇବା କାର୍ଯ୍ୟ ଜାରୀ ରଖିଛି । ତେବେ ହାତୀ ଆକ୍ରମଣରେ ମୃତା ବୃଦ୍ଧାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ତାଙ୍କ ଜ୍ୱାଇଁ ତଥା ଗ୍ରାମବାସୀ ମାନେ ଦାବି କରିଛନ୍ତି। ସେହିପରି ଟୁକୁପଳାଶିଆ ଗ୍ରାମର ବୃଦ୍ଧା ମହିଳା ନଇତନି ମହାନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ବେଳେ ପିଡ଼ିତାଙ୍କ ପରିବାରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ତୁରନ୍ତ ତାଙ୍କ ପରିବାର ବର୍ଗଙ୍କୁ ମଧ୍ୟ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି ମୃତା ମହିଳାଙ୍କ ସ୍ୱାମୀ। ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ଅଧ୍ଜଳ ସକ୍ରିୟ ରହିଥିଲେ ପରିସ୍ଥିତି ଏଡ଼ାଇବା ସମ୍ଭବ ହୋଇଥାନ୍ତା ବୋଲି ସ୍ଥାନୀୟ ଅଂଚଳରେ ମତପ୍ରକାଶ ପାଉଥିବା ବେଳେ ସମ୍ପୃକ୍ତ କର୍ମଚାରୀ ମାନଙ୍କ ଦାୟିତ୍ୱହୀନତା ଯୋଗୁଁ ହାତୀ ଆକ୍ରମଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ବନବିଭାଗର ଉଚ କତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ମୃତା ବୃଦ୍ଧାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ସହିତ ଗୁରୁତର ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନବିଭାଗ ବହନ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

ମାନବ - ବନ୍ୟପ୍ରାଣୀ ...

ଜାତୀୟ ରାଜପଥ କର୍ତୃପକ୍ଷ, ଓଡ଼ିଶାର ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ୍(ଟି) ଆଣ୍ଡ ଆରଓ), ଅନୁଗୋଳ, ରାଉରକେଲା, ଭୁବନେଶ୍ୱରର ଆଂଚଳିକ ମୁଖ୍ୟ ବନସଂରକ୍ଷକ, ସେଭ୍ ଏଲିଫାଂଟ ଫାଉଣ୍ଡେସନ୍ ଟ୍ରଷ୍ଟ, ନ୍ୟୁଜ୍ ଅନୁଗୋଳ, ଓୟୁଏଟିର ଓଡ଼ିଶା ପଶୁଚିକିତ୍ସା ମହାବିଦ୍ୟାଳୟର ଅସ୍ତ୍ରୋପଚାର ଓ ରେଡ଼ିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡକଫର ଇନ୍ଦ୍ରମଣି ନାଥ, ଚନ୍ଦକା (ବନ୍ୟପ୍ରାଣୀ) ଡିଭିଜନ୍ ର ଆଂଚଳିକ ବନଖଣ୍ଡ ଅଧିକାରୀ, ଅତିରିକ୍ତ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ସର୍ବୋଚ୍ଚ ଯନ୍ତ୍ରୀ, ପି ଆଣ୍ଡ ଡି, ଜଳସଂପଦ ବିଭାଗ ଏହି ଟାସ୍କଫୋର୍ସର ସଦସ୍ୟ ରହିବେ । ଏହି କମିଟି ଚାହିଁଲେ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କୁ ଟାସ୍କଫୋର୍ସର ସଦସ୍ୟ ଭାବେ ନେଇପାରିବେ ଓ ଯେକୌଣସି ବ୍ୟକ୍ତି ବା ଅନୁଷ୍ଠାନର ପରାମର୍ଶ ମଧ ଲୋଡ଼ିପାରିବେ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏ ଦିଗରେ ଅର୍ଥରାଶି ଯୋଜନାବଦ୍ଧ ଓ ସମୟୋଜିତ ଢଙ୍ଗରେ ବିନିଯୋଗ ହେବା ଜରୁରୀ । କାମ୍ପା, ମହାତ୍ମା ଗାନ୍ଧୀ ନରେଗା, ଡିଏମ୍‌ଏଫ୍ ଆଦି ପାଣ୍ଠିରୁ ଏ ଦିଗରେ ଖର୍ଚ୍ଚ ହେଉଥିବା କାର୍ଯ୍ୟକ୍ରମ ଅଧିକ ଫଳପ୍ରଦ ହୋଇପାରିବ । ବନ୍ୟଜନ୍ତୁଙ୍କ ପାଇଁ ଆଶ୍ରୟସ୍ଥଳୀର ନିର୍ମାଣ ଓ ବିକାଶ, ଟ୍ରେଂଚ ଖନନ ଓ ସୁରକ୍ଷା ପଦକ୍ଷେପ, ଆଇଇସି ଅଭିଯାନ ଆଦି ସୁରୁଖୁରୁରେ ଚାଲିପାରିବ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଲକଡାଉନ ଯାଇଛି...

ନିମନ୍ତେ ସରକାର ବ୍ୟବସ୍ଥା କରୁଛନ୍ତି । ଭାରତରେ ମୃତ୍ୟୁହାର ମଧ୍ୟ ଏକ ନିୟୁତ ଜନସଂଖ୍ୟାରେ ୮୩। ଏହା ତୁଳନାରେ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ ଏବଂ ବ୍ରାଜିଲ୍ ଆଦି କେତେକ ଦେଶରେ ମୃତ୍ୟୁହାର ୬୦୦ରୁ ଅଧିକ । ବିଶ୍ୱର ଅନ୍ୟ ଦେଶମାନଙ୍କରେ ସଂକ୍ରମଣ ସଂଖ୍ୟା ପୁଣି ବୃଦ୍ଧି ପାଉଥିବା ଜଣାପଡିଲାଣି । ତେଣୁ, ଭାରତର ଜନସାଧାରଣ ଅଧିକ ସତର୍କ ରହିବା ଆବଶ୍ୟକ । ସେ କହିଛନ୍ତି, ଯଦି ଆପଣ ଅବଜ୍ଞା କରି ମାସ୍କ ନ ପିନ୍ଧି ବାହାରକୁ ଆସୁଛନ୍ତି, ଆପଣ ନିଜକୁ, ନିଜ ପରିବାରକୁ ଏବଂ ପରିବାରର ପିଲାଙ୍କୁ ଏବଂ ବୟସ୍କମାନଙ୍କୁ ସଙ୍କଟରେ ପକାଉଛନ୍ତି । ଲୋକେ ଆଉ ଯତ୍ନ ବାନ ହେଉ ନଥିବା ଅନେକ ଫଟୋ ଓ ଭିଡିଓରୁ ସ୍ପଷ୍ଟ ଭାବେ ଦେଖି ହେଉଛି । ତାହା କିନ୍ତ, ଠିକ୍ କଥା ନୁହେଁ ।

ଶୀତ ଋତୁରେ ...

ଏଥିପାଇଁ ସମସ୍ତଙ୍କୁ ଅନେକ କଷ୍ଟ, ଅନେକ ତ୍ୟାଗ ସ୍ୱୀକାର କରିବାକୁ ହେଉଛି । ପିଲାମାନେ ସ୍କୁଲ ସାଙ୍ଗସାଥି ଓ ଖେଳିବାର ମଜା ନେଇ ପାରୁନାହାନ୍ତି । ବୟସ୍କ ଲୋକ ଏବଂ ପିଲାମାନେ ଘରେ ରହିବା ଦ୍ୱାରା ଆମେ କରୋନା ବିରୋଧରେ ଲଢେଇକୁ ଭଲ ଭାବରେ ଲଢି ପାରିବା । ଓଡିଶା ଗତ ୬ ମାସରେ କରୋନା ସଂକ୍ରମଣକୁ ରୋକିବାରେ ସଫଳ ହୋଇଛି । ଗତ ଦୁଇ ସପ୍ତାହ ହେଲା ରାଜ୍ୟରେ ପଜିଟିଭ୍ କମିବା ଆରମ୍ଭ କରିଛି । ୨୬ ସେପ୍ଟେମ୍ବରରେ ରାଜ୍ୟରେ ପଜିଟିଭ୍ ସଂଖ୍ୟା ଚାରି ହଜାର ରୁ ଅଧିକ ଥିବାବେଳେ ଆଜି ସଂକ୍ରମଣ

ବୁଧବାର,୨୧ ଅକ୍ଟୋବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଉପ-ନିର୍ବାଚନ ପରିପ୍ରେକ୍ଷୀରେ ମହିଳା କଂଗ୍ରେସର ସମ୍ମିଳନୀ

ବାଲେଶ୍ୱର,୨୦।୧୦ (ନି.ପ୍ର): ଚଳିତ ଉପ-ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମହିଳାଙ୍କୁ ନେଇ ଏକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ତାରା ପ୍ରସାଦ ବାହିନୀପତି, ପିସିସି ମୁଖପାତ୍ର ସୁଦର୍ଶନ ଦାସ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ଦଳୀୟ ପ୍ରାର୍ଥିନୀ ମମତା କୁଣ୍ଡୁଙ୍କ ସମେତ ମହିଳା ନେତ୍ରୀ ବାସନ୍ତି ନାୟକ, ପ୍ରତିମା ପଣ୍ଡା, ଜ୍ୟୋତ୍ସ୍ନା ସେନାପତି ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇ ଜିଲ୍ଲାର ବିକାଶରେ କଂଗ୍ରେସର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । କଂଗ୍ରେସ ଶାସନକାଳରେ ଯାହା ବି କିଛି ବିକାଶ ହୋଇଥିଲା ଏବେ ସବୁକିଛି ଠପ୍ ହୋଇଯାଇଛି । କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡି କ୍ଷମତାରେ ରହିଥିଲେ ବି ସବୁକ୍ଷେତ୍ରରେ ଜିଲ୍ଲାବାସୀଙ୍କୁ ଅବହେଳା କରାଯାଉଛି ବୋଲି ବକ୍ତାମାନେ କହିଥିଲେ । ଚଳିତ ନିର୍ବାଚନରେ ଭୋଟ ହାତେଇବା ପାଇଁ ଅନ୍ୟାନ୍ୟ ଦଳର ନେତାଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ସଦର ନିର୍ବାଚନମଣ୍ଡଳୀର ଭୋଟର କେବେ ପରତେ ଯିବେ ନାହିଁ । ବରଂ ନିଜର ହକ୍ ଜାହିର ପାଇଁ କଂଗ୍ରେସର ଯୋଗ୍ୟ ପ୍ରାର୍ଥିନୀ ମମତା କୁଣ୍ଡୁଙ୍କୁ ଭୋଟ ଦେବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ଜନସାଧାରଣରେ ଜନମତ ସୃଷ୍ଟି ପାଇଁ କଂଗ୍ରେସ ପ୍ରତ୍ୟେକ ବର୍ଗର କର୍ମୀ ଚେଷ୍ଟା ଜାରି ରଖିବାକୁ କଂଗ୍ରେସ ନେତା ଓ ନେତ୍ରୀମାନେ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ କଂଗ୍ରେସର ଦୃଢ଼ ସମର୍ଥକ ଅବସରପ୍ରାପ୍ତ ଏସପି ହରମୋହନ ଦାଶଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ଦୁଇମିନିଟ ନିରବ ପ୍ରାର୍ଥନା ଜରିଆରେ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଦଳ, ପ୍ରାର୍ଥୀ କିମ୍ବା ସଂସ୍ଥା ଦ୍ୱାରା ବିଜ୍ଞାପନ ଛପାଇବା ଉପରେ ରୋକ୍

ଭୁବନେଶ୍ୱର,୨୦।୧୦ (ନି.ପ୍ର): ନିର୍ବାଚନ ସମୟରେ ଭୋଟ୍ ଗ୍ରହଣ ଦିନ ଏବଂ ଭୋଟ୍ ଗ୍ରହଣ ପୂର୍ବ ଦିନ ଗଣମାଧ୍ୟମରେ ବିଜ୍ଞାପନ ଛାପିବା ଉପରେ ରୋକ୍ ଲଗାଇଛନ୍ତି ନିର୍ବାଚନ ଆୟୋଗ । ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ରାଜନୈତିକ ଦଳ, ପ୍ରାର୍ଥୀ କିମ୍ବା ସଂସ୍ଥା ଦ୍ୱାରା ନଭେମ୍ବର ୨ ଓ ୩ ତାରିଖରେ ଛାପା ଗଣମାଧ୍ୟମରେ ବିଜ୍ଞାପନ ଛପା ଯାଇପାରିବ ନାହିଁ । ଯେ ପର୍ଯ୍ୟନ୍ତ ବିଜ୍ଞାପନର ବିଷୟବସ୍ତୁ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ଖୋଲାଯାଇଥିବା ଏମସିଏମସି କମିଟି ଦ୍ୱାରା ଅନୁମୋଦନ ଲାଭ କରିନାହିଁ ସେ ପର୍ଯ୍ୟନ୍ତ ରାଜନୈତିକ ବିଜ୍ଞାପନ ଗୁଡିକ ଛାପା ଗଣମାଧ୍ୟମରେ ପ୍ରକାଶିତ ହୋଇପାରିବ ନାହିଁ ବୋଲି ନିର୍ବାଚନ ଆୟୋଗ ଏକ ନିର୍ଦ୍ଦେଶନାମାରେ କହିଛନ୍ତି ।

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ବାଲେଶ୍ୱର,୨୦।୧୦ (ନି.ପ୍ର): ଚଳିତ ଉପ-ନିର୍ବାଚରେ ଶାସକଦଳ ବିଜେଡି ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ଉଠାଇଛି ବିଜେପି । ନିର୍ବାଚନରେ ପ୍ରଚାରରେ ଆସି ରାଜ୍ୟ ଶକ୍ତିମନ୍ତ୍ରୀ ସଦର ନିର୍ବାଚନମଣ୍ଡଳୀର ପରିଖି ପଞ୍ଚାୟତକୁ ଯାଇ ସେଠାରେ ୧୦ରୁ ଅଧିକ ସ୍ଥାନରେ ବୈଠକ କରି ଭୋଟ ଭିକ୍ଷ କରିଥିଲେ । ସେଠାକାର ଲୋକଙ୍କ ଦାବିକୁ ଦୃଷ୍ଟିଦେଇ ୫ ଦିନ ଭିତରେ ସମସ୍ତ ରାସ୍ତାରେ ମୋରମ ବିଛାଇବା, ନୂଆ ଇଲେକ୍ଟ୍ରିକ୍ ଖୁଣ୍ଟ ପୋତି ୩ ଫେଜ୍ ଲାଇନ୍ ଚାର୍ଜ ପାଇଁ ଅଧିକ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମାର ବସାଇବାର ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ସବୁ ସାଇକୁ ନଳକୂପ ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ । ସେହିକ୍ରମରେ ତହିଁଆରଦିନ ଓଡି-୦୧ଡି/୮୮୨୭ ନଂ ବିଶିଷ୍ଟ ବଡ଼ଟ୍ରକ୍‌ରେ ବିଦ୍ୟୁତ୍ ଖୁଣ୍ଟ ଅଣାଯାଇ ସ୍ଥାନୀୟ ଫାଣ୍ଡିଛକ ପୋଲ ନିକଟରେ ରଖାଯାଇଥିଲା । ଆଜି ସକାଳେ ତାହାକୁ ପୂର୍ବତନ ସରପଞ୍ଚ ସୁନୀଲ ସେଠୀଙ୍କ ଘର ପାଖରେ ମହଜୁଦ୍ ରଖାଯାଇଥିବା ବିଜେପି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଏନେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବାଚନର ରିଟର୍ଣ୍ଣିଂ ଅଫିସର ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

ଜିକେ ଭଟ୍ଟର ହସ୍‌ପିଟାଲରେ ରୋଗୀସେବା ବିପର୍ଯ୍ୟସ୍ତ : ମେଡିସିନ୍ ସ୍ପେଶାଲିଷ୍ଟ ନିଯୁକ୍ତି ଦାବି

ଜଳେଶ୍ୱର,୨୦।୧୦ (ନି.ପ୍ର): କରୋନା ସଂକ୍ରମଣ ଚାଲିଥିବା ବେଳେ ଅନ୍ୟ ରୋଗୀ ସେବା ନିମନ୍ତେ ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସ୍ପେଶାଲିଷ୍ଟ ନ ଥିବାରୁ ରୋଗୀ ସେବା ବିପର୍ଯ୍ୟସ୍ତ ହେଉଛି । ପୂର୍ବରୁ ଏଠାକୁ ପ୍ରତିଦିନ ୩୫୦ ରୋଗୀ ଚିକିତ୍ସା ନିମନ୍ତେ ଆସୁଥିବା ବେଳେ ୨୫୦କୁ ଖସିଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ଅତିଶୀଘ୍ର ମେଡିସିନ୍ ସ୍ପେଶାଲିଷ୍ଟ ନିଯୁକ୍ତ କରା ନ ଗଲେ ଆନ୍ଦୋଳନ ହେବାର ସୂଚନା ମିଳିଛି । ଉପାନ୍ତ ଜଳେଶ୍ୱରରେ ଥିବା ଜିକେ ଭଟ୍ଟର ସିଏଚ୍‌ସି ଉତ୍ତର ବାଲେଶ୍ୱରର ଏକ ରେଫେରାଲ ଚିକିତ୍ସା କେନ୍ଦ୍ର । ଭୋଗରାଇ, ଜଳେଶ୍ୱର, ରାଇବଣିଆ, କମର୍ଦ୍ଦା, ମେରାଇନ୍ ଥାନା, ପଶ୍ଚିମବଂଗର ଦାନ୍ତୁନ, ମୋହନପୁର ଓ ୬୦ନଂ ଜାତୀୟ ରାଜପଥ ତଥା ୫୭ ରାଜ୍ୟ ରାଜପଥରେ ଘଟୁଥିବା ଦୁର୍ଘଟଣାରେ ଏହି ଭଟ୍ଟର ହସ୍‌ପିଟାହିଁ ଚିକିତ୍ସା ଯୋଗାଇ ଆସୁଛି । ଏଠାରେ ଭାରପ୍ରାପ୍ତ ମୁଖ୍ୟ ଡାକ୍ତରଙ୍କ ବ୍ୟତିତ ମେଡିସିନ୍, ସର୍ଜରୀ, ଶିଶୁ, ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ବ୍ୟତିତ ୨ଜଣ ଏମ୍‌ବିବିଏସ୍ ଡାକ୍ତର ରହିବାର ବ୍ୟବସ୍ଥା ରହିଛି । କିନ୍ତୁ ଏବେ ଜଣେ ଶିଶୁ ରୋଗ ବିଶେଷଜ୍ଞ ଥିବା ବେଳେ ମହିଳା ଓ ପ୍ରସୂତି ବିଭାଗର ଡାକ୍ତର ଭାରପ୍ରାପ୍ତ ଡାକ୍ତର ଭାବେ ରହୁଛନ୍ତି । ତେଣୁ ସ୍ପେଶାଲିଷ୍ଟ ଡାକ୍ତରମାନଙ୍କର ଚିକିତ୍ସା ଏଠାରେ ମିଳିପାରୁ ନାହିଁ । ଅତୀତରେ ଏଠାରେ ୩୫୦ଜଣ ରୋଗୀ ପ୍ରତିଦିନ ଚିକିତ୍ସା ହେଉଥିବା ବେଳେ ଏବେ ୨୫୦କୁ ଖସିଥିଲେ ମଧ୍ୟ ରୋଗୀମାନେ ଚିକିତ୍ସାରୁ ବଂଚିତ ହେଉଛନ୍ତି । ଉତ୍ତର ବାଲେଶ୍ୱରରେ କେବଳ ଜଳେଶ୍ୱର ଠାରେ କୋଭିଡ୍ କେୟାର ସେଣ୍ଟର ସ୍ଥାପନ ହୋଇଥିବାରୁ ଶହ ଶହ କରୋନା ରୋଗୀ ନିକଟସ୍ଥ ଡିକେ କଲେଜ୍ ପରିସରରେ ଚିକିତ୍ସା ପାଇଛନ୍ତି । କିନ୍ତୁ ଏଠାରେ ଭେଷଜ ବିଶେଷଜ୍ଞ ପଦବିରେ ଗତ କିଛିମାସ ତଳେ ଡା. ରତ୍ନାକର ଦାସ ନିଯୁକ୍ତି ପାଇଥିବା ବେଳେ ସେବା ଓ ଚିକିତ୍ସା ଠିକ୍‌ଭାବେ ମିଳିପାରୁଥିଲା । କିନ୍ତୁ ଏବେ ଏହି ବିଭାଗରେ କେହି ନ ଥିବାରୁ ସୁସ୍ଥ ଚିକିତ୍ସା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି । ବିଗତ ବହୁବର୍ଷ ଧରି ସୁଇପର ନ ଥିବାରୁ ଶବ ବ୍ୟବଚ୍ଛେଦ ସକାଶେ ବହୁ ଘଣ୍ଟା ଅପେକ୍ଷା କରିବାକୁ ପଡିଥାଏ । ଏହାଛଡା ଆବଶ୍ୟକ ଏଡେଣ୍ଡେଣ୍ଟ, ଜଗୁଆଳି ନଥିବା ଜଣାଯାଇଛି । ତେଣୁ ଜଳେଶ୍ୱରଠାରେ ଜଣେ ମେଡିସିନ୍ ସ୍ପେଶାଲିଷ୍ଟ ଙ୍କୁ ନିଯୁକ୍ତି ଦେବାଲାଗି ଏ ଅଂଚଳର ଏକ ଛାମୁଆ ସଂଗଠନ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳଙ୍କ ଦୃଷ୍ଟି ଆକଷ;ଣ କରାଯାଇଛି । ଅନ୍ୟଥା ଏଠାରେ ଏକ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ରହିଛି ।

ଗୋଟିଏ ଦିନରେ ୧୯୦୪ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୭୨୨୫୦

ଭୁବନେଶ୍ୱର,୨୦।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୦୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା୨୭୨୨୫୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୪୯୫୭୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୧୪୫୪ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୦୪ ଜଣଙ୍କ ମଧ୍ୟରୁ ୧୧୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୨୨୧ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ

୧୦୯ , ବାଲେଶ୍ୱର ଜିଲ୍ଲାରେ ୯୦ ଜଣ, ବରଗଡ ଜିଲ୍ଲାରେ ୩୫ , ଭଦ୍ରକ ଜିଲ୍ଲାରେ ୧୯, ବଲାଙ୍ଗିର ଜିଲ୍ଲାରେ ୬୬, ବୌଦ୍ଧ ଜିଲ୍ଲାରେ ୨୪ ,କଟକ ଜିଲ୍ଲାରେ ୧୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨୧. ଢେଙ୍କାନାଳ ଜିଲ୍ଲାରେ ୫୦, ଗଜପତି ଜିଲ୍ଲାରେ ୨, ଗଂଜାମ ଜିଲ୍ଲାରେ ୩୯, ଜଗତସିଂହପୁର ଜିଲ୍ଲାରେ ୭୩, ଯାଜପୁର ଜିଲ୍ଲାରେ ୪୯ . ଝାରସୁଗୁଡା ଜିଲ୍ଲାରେ ୫୧, କଳାହାଣ୍ଡି ଜିଲ୍ଲାରେ ୭୬, କନ୍ଧମାଳ ଜିଲ୍ଲାରେ ୧୮, କେନ୍ଦ୍ରାପଡା ଜିଲ୍ଲାରେ ୧୦୬ ,କେନ୍ଦୁଝର ଜିଲ୍ଲାରେ ୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୩୬ ଜଣ, ମାଲକାନଗିରି ଜିଲ୍ଲାରେ ୩୦, ମୟୁରଭଂଜ ଜିଲ୍ଲାରେ ୯୩, ନବରଙ୍ଗପୁରରେ ୪୩, ନୟାଗଡ ଜିଲ୍ଲାରେ ୩୨, ନୂଆପଡା ଜିଲ୍ଲାରେ ୧୨୮, ପୁରୀ ଜିଲ୍ଲାରେ ୪୯, ରାୟଗଡା ଜିଲ୍ଲାରେ ୧୭, ସମ୍ବଲପୁର ଜିଲ୍ଲାରେ ୪୪ ,ସୋନପୁର ଜିଲ୍ଲାରେ ୭୩ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୪୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଭୁବନେଶ୍ୱରରୁ ଆଉ ୨୨୯ ପଜିଟିଭ୍

ଭୁବନେଶ୍ୱର,୨୦।୧୦ (ନି.ପ୍ର): ଭୁବନେଶ୍ୱରରୁ ଆଜି ୨୨୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୪୭ଜଣ ସଂଗରୋଧ କେନ୍ଦ୍ରରୁ ଓ ୧୮୨ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ଗୋଟିଏ ଦିନରେ ୩୦୮ ଜଣ କରାନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୨ ଜଣଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଏ ପର୍ଯ୍ୟନ୍ତ ୨୭,୬୭୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରୁ ୨୪,୭୫୮ ଜଣ ସୁସ୍ଥ ହୋଇଥିବା ବେଳେ ୨୭୪୯ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି । ୧୪୨ ଜଣଙ୍କର ମୃତ୍ୟୁ ହୋଇଛି । ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ୪୭ଜଣଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ୮ଜଣ, ଲକ୍ଷ୍ମୀସାଗରରୁ ୭ଜଣ , ପଟିଆରୁ ୪ ଜଣ ଓ ୟୁନିଟ୍ ୯ ରୁ ୩ ଜଣ ରହଛନ୍ତି ।

ରାଜ୍ୟରେ ମନ୍ଦିର ଖୋଲିବା ପ୍ରସଙ୍ଗ

କରୋନା କଟକଣା ମଧ୍ୟରେ ମନ୍ଦିର ଖୋଲ, ନଚେତ ଆନ୍ଦୋଳନ : ଭିଏଚ୍‌ପି

ଭଦ୍ରକ,୨୦।୧୦ (ନି.ପ୍ର): କୋଟି କୋଟି ଓଡ଼ିଆଙ୍କ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାକୁ ସମ୍ମାନ ଜଣାଇ କରୋନା କଟକଣା ମଧ୍ୟରେ ରାଜ୍ୟରେ ସମସ୍ତ ଧର୍ମ ଅନୁଷ୍ଠାନ, ମଠ-ମନ୍ଦିର ଖୋଲିବା ଦାବୀ ନେଇ ବିଶ୍ୱ ହିନ୍ଦୁ ପରିଷଦ ଭଦ୍ରକ ଜିଲ୍ଲା ପକ୍ଷରୁ ଏକ ଦାବୀପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆ ଯାଇଛି । କରୋନା ସଂକ୍ରମଣର ହାର ଦିନକୁ ଦିନ କମୁଛି । ସୁସ୍ଥ ମଧ୍ୟ ଅଧିକ ରୋଗୀ ହେଉଛନ୍ତି । ଏପରି ସ୍ଥିତିରେ ରାଜ୍ୟ ସରକାର କରୋନା କଟକଣାରେ କୋହଳ ଆଣି ପାର୍କ, ପର୍ଯ୍ୟଟନସ୍ଥଳୀ, ସ୍ୱର୍ଗଦ୍ୱାର ଆଦି ଖୋଲିଲେଣି । ବିଭିନ୍ନ ରାଜନୈତିକ ଦଳରେ ଧାରଣା, ସଭା-ସମିତି ଏବଂ ଆନ୍ଦୋଳନ ମଧ୍ୟ ହେଉଛି । କିନ୍ତୁ ପରିତାପର ବିଷୟ ମନ୍ଦିରରେ ତାଲା ଝୁଲୁଛି । ପରିଷଦ ରାଜ୍ୟ ସରକାରଙ୍କ ପାଖରେ ଦାବି ଜଣାଉଛି, ରାଜ୍ୟର ସମସ୍ତ ଦେବାଳୟକୁ କରୋନା କଟକଣା ମାଧ୍ୟମରେ ଖୋଲାଯାଉ । ମନ୍ଦିରକୁ ଭରସା କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀ ଗୋଷ୍ଠୀ ଏବଂ ପୂଜକ ପରିବାରର ଆର୍ଥିକ ସ୍ଥିତିର ବିକାଶ ହେଉ । ସରକାରଙ୍କ ରାଜସ୍ୱ ବଢୁ । ସରକାର କାହା ଇଙ୍ଗିତରେ ସମସ୍ତ ମନ୍ଦିରରେ ତାଲା ବନ୍ଦ କରି ରଖିଛନ୍ତି ବୋଲି ପରିଷଦ ପ୍ରଶ୍ନ ଉଠାଇଛି । ଯେତେ ଶୀଘ୍ର ସମ୍ଭବ ମନ୍ଦିର ଖୋଲାଯାଉ, ନଚେତ କୋଟିକୋଟି ଓଡ଼ିଆଙ୍କୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ଆନ୍ଦୋଳନ କରିବ ବୋଲି ଚେତାବନୀ ଦାବୀପତ୍ର ମାଧ୍ୟମରେ ଦିଆ ଯାଇଛି । ଲୋକଙ୍କ ଆଧ୍ୟାତ୍ମିକ ଭାବନାକୁ ସମ୍ମାନ ଜଣାଇ ସରକାର ମନ୍ଦିର ଖୋଲିବାକୁ ▶▶ପୃଷ୍ଠା ୭

ନୂଆଦିଲ୍ଲୀରେ ହାଇଡ୍ରୋଜେନ୍ ସିଏନ୍‌ଜି ପ୍ଲାଂଟର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ପ୍ରଥମ ପର୍ଯ୍ୟାୟରେ ୫୦ଟି ବସରେ ପରୀକ୍ଷଣ , ନୂଆଦିଲ୍ଲୀରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୧୦ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀର ରାଜଘାଟ ବସ ଡିପୋଟ୍ ଠାରେ ବାଣିଜ୍ୟିକ ହାଇଡ୍ରୋଜେନ୍ ସିଏନଜି (ଏଚସିଏନଜି) ଉତ୍ପାଦନ ପ୍ଲାଂଟ ଏବଂ ବିତରଣ ଷ୍ଟେସନର ଲୋକାର୍ପଣ କରିଛନ୍ତି । ଦେଶର ରାଜଧାନୀ ନୂଆଦିଲ୍ଲୀରେ ଯାନବାହନ ଯାତାୟତ ଦ୍ୱାରା ହେଉଥିବା ପ୍ରଦୂଷଣକୁ ହ୍ରାସ କରିବା ଏବଂ ଭବିଷ୍ୟତ ପାଇଁ ସବୁଜ ମାର୍ଗ ଅନ୍ୱେଷଣ କରିବା ଦିଗରେ ଥିବା ଭାରତ ସରକାରଙ୍କ ଉଦ୍ୟମ ପରିପ୍ରେକ୍ଷୀରେ ଏହା ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଇଣ୍ଡିଆନ ଅଏଲ ଦ୍ୱାରା ନବସୃଜନ ଏବଂ ଟେକ୍ନୋଲୋଜିରେ ସୁଧାର ଅଣାଯାଇ ଦୈନିକ ୪ ଟନର ହାଇଡ୍ରୋଜେନ୍ ମିଶ୍ରିତ ସିଏନଜି ଉତ୍ପାଦନ ପ୍ଲାଂଟ ପ୍ରତିଷ୍ଠା କରାଯାଇଛି । ସେହିପରି ଇନ୍ଦ୍ରପ୍ରସ୍ଥ ଗ୍ୟାସ କମ୍ପାନୀ ଲୋକର୍ପିତ ଏହି ପ୍ଲାଂଟରୁ ଇନ୍ଧନ ଯୋଗାଇବା ପାଇଁ ବିତରଣ ଷ୍ଟେସନ ସ୍ଥାପନ କରିବା

ପ୍ରଶଂସନୀୟ । ଆଜି ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବରେ ୫୦ଟି ବସରେ ହାଇଡ୍ରୋଜେନ ସିଏନଜି ବ୍ୟବହାର କରାଯାଇଛି । ଏହା ଭାରତକୁ ହାଇଡ୍ରୋକାର୍ବନ ଅର୍ଥନୀତି କରିବା ଦିଗରେ ବଡ଼ ପଦକ୍ଷେପ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଭବିଷ୍ୟତରେ ପରିବେଶର ସୁରକ୍ଷା ପାଇଁ ସ୍ୱଚ୍ଛ ଉର୍ଜା ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଦେଶରେ ପ୍ରଦୂଷଣକୁ ହ୍ରାସ କରିବା ଏବଂ ଦେଶବାସୀଙ୍କୁ ଏକ ଉତମ ପରିବେଶ ଦେବା ପାଇଁ ଭାରତ ସରକା